COTOC
COTOC Improvement Limited

# THE BUSINESS BREAKING

BUSINESS BREAKING

*It's all of your Business*

PRGI REGN. NO.: ORBIL/26/A0905 | VOLUME 01, ISSUE 01 | BI-LINGUAL (ENGLISH, ODIA) | FORTNIGHTLY | MARCH (1st to 15th) 2026 | PAGES 8 | PRICE ₹10

@BiznessBreaking | businessbreaking.com | To advertise, Mail: biznessbreaking@gmail.com or Call: +91 8456869769, 06744068848

## Main Business

### Franco-Indian alliance: Relationship of the two republics where both mean business

People perplexed by the bonhomie of Modi and Macron should go through the history dating back to 17th Century to figure out the depth of France-India relations. In the Modi era itself, the relation got renewed from transactional to transfortmational. French Rafael, mastered by Indian fighters, created havoc deep inside Pakistan during Operation Sindoor. It has its parallel in the history of 1780s when Admiral Suffren allied with Hyder Ali in the Second Anglo-Mysore War against the British East India Company in 1782-1783 engaging in five battles against the Royal Navy. From fighter plane to AI, from fashion to academics, in Macron's words, Delhi and Paris "know no boundaries" and they "can reach from the deep oceans to the tallest mountains". This deep-rooted love in the time of global volatility is stronger than ever before. In the joint statement, declared by India and France, the all pervasive vision is imminent. Inauguration of the H125 helicopter final assembly line in Karnataka, joint venture between BEL and Safran to produce HAMMER missiles in India, National Centre of Excellence for Skilling in Aeronautics, launching of the Indo-French Centre for AI in Health at AIIMS, New Delhi are some of the key tangible takeaways of this meet for the world to envy. As Prime Minister Modi, at the inauguration of India-France Year of Innovation 2026 in Mumbai rightly summarizes it with "When India's speed and scale combine with France's strengths, new pathways are created for the world". Underlining this strategic alliance as Partnership for Security and Sovereignty, Partnership for the Planet and Partnership for the People, India and France made it loud and clear to the world that, their time-tested relation keeps on grwoing amidst tariffs and trade agreements sactions & operations.



## Last Fortnight ▶

- From H125 Helicopter to HAMMER missiles, Modi and Macron signed more than 20 deals
- India's homegrown startup Sarvam draws record crowd to India AI Impact Summit at Bharat Mandapam, New Delhi
- Odisha, Kerala, Andhra Pradesh, Tamil Nadu to get rare-earth corridors
- India's Forex Reserves Hit Record 725 billion Dollars
- Odisha CM presented Rs. 3.10 lakh crore budget focusing on inclusive growth for farmers, women, and youth
- India's economy likely grew 81% in Q3: State Bank of India report
- India-US trade pact expected to cut tariffs to 18% on Indian goods
- EU demands Washington honour its trade commitment and provide full clarity on tariffs
- Sensex reclaims 84k mark, Nifty jumps 200 points on India-US trade-deal optimism
- FPIs infuse ₹31,742 crore into Indian capital markets in February
- Tata AIA launches Enhanced Value Index Funds
- SBI shares surge 67% on strong Q3 results
- Union Minister Sarbananda Sonowal, lays foundation for port projects worth Rs 1500 Crore
- Holi Trade expected to cross ₹80,000 Crore: Confederation of All India Traders (CAIT)

## Icon Interview

### ସଂଘର୍ଷ ବିନା ସ୍ୱାଦ ନାହିଁ

### ମସଲା ଶିଳ୍ପର ବାଦଶାହ ସୁରେନ୍ଦ୍ରନାଥ ପଣ୍ଡାଙ୍କ ସହ ସାକ୍ଷାତକାର




**ବିଜ୍‌ନେସ୍ ବ୍ରେକିଙ୍ଗ୍: ଭାରତ ମସଲାର ଅଭୂତପୂର୍ବ ସଫଳତା ପାଇଁ ଆପଣଙ୍କୁ କେହି ମସଲା ଶିଳ୍ପର ବାଦଶାହ କହିଲେ କେମିତି ଅନୁଭବ ହୁଏ ?**

ମୁଁ ଖୁସି ହେଉନି ତ, ଖୁସି ମୋ ଓଡ଼ିଆ ଲୋକ, ମୋ ପଡୋଶୀ ଆଉ ମୋତେ ପ୍ରଥମେ ଯିଏ ଦାନା ଦେଇଥିଲେ ସେସବୁ ଗ୍ରୋଥ ହେଇ ବିଶ୍ୱରେ ପହଂଚିପାରିଛି । ଜୟ ଭାରତ ଫାଉଣ୍ଡେସନ ମୋ ଓଡ଼ିଶାବାସୀଙ୍କର ମୋର ନୁହେଁ ।

**ବିଜ୍‌ନେସ୍ ବ୍ରେକିଙ୍ଗ୍: ସେଦିନର କଥା କ'ଣ ଥିଲା, ଚାକିରୀ କଥା ନ ଭାବି ହାଣ୍ଡିଶାଳର ସ୍ୱାଦ କଥା ଚିନ୍ତା କଲେ ?**

ବାପା ଭ୍ରମରବର ପଣ୍ଡା, ମା କୁନ୍ତଳା ଦେବୀଙ୍କ ଔରସରୁ ଗରିବ ବ୍ରାହ୍ମଣ ଚାଷୀ କୂଳରେ ଜନ୍ମ ନେଇଥିଲି । ଘର ପାଖ ରତ୍ନାକର ବିଦ୍ୟାମନ୍ଦିରରେ ପାଠ ପଢ଼ିଲା ସମୟରେ ଚାଷରେ ବହୁତ କ୍ଷତି ଘଟିଲା । ବାପାଙ୍କ ଦୁଃଖ ଦେଖି ଆଉ ମୁଁ ମାଟ୍ରିକ ସେପଟକୁ ଯାଇପାରିଲି ନାହିଁ । ଓଡିଶା ସରକାରଙ୍କ ସହଯୋଗରେ ଓଡ଼ିଶାରେ ଡ଼ାଲୁଅ ଚାଷ ଆରମ୍ଭ କଲି । କିନ୍ତୁ ବିହନ ଠିକ୍ ନ ଥିବାରୁ ପ୍ରଥମ ଥର ଅସଫଳ ହେଲି ଆଉ ପରେ ଯେଉଁ ସଫଳତା ମିଳିଲା ତାହା ମୋତେ ବହୁତ ଆନନ୍ଦ ଦେଇଥିଲା । ସେ ସମୟରେ ପରିବାର ଚଲେଇବା ପାଇଁ ଆଉ ଏକ ନୂଆ ଉପାୟ ଚିନ୍ତା କଲି । ପ୍ରଥମେ ୪୦୦ ଟଙ୍କାରେ ହଳଦୀ କିଣି ହେମଦସ୍ତାରେ ଗୁଣ୍ଡ କରି କଟକ ମାଲଗୋଦାମରେ ବିକ୍ରି କରି ମୋ ପରିବାର ସହ ୫୦ଟା ପରିବାର ଚଳେଇଲି । କିନ୍ତୁ ୧୯୯୯ ମହାବାତ୍ୟା ପରେ ମୁଁ ଭାଙ୍ଗି ପଡିଲି । ଏହି ସମୟରେ ମହାପ୍ରଭୁଙ୍କ ଆଶୀର୍ବାଦ ମିଳିଲା, ମାଲଗୋଦାମର ମହାଜନମାନଙ୍କ ସହ ଚାରିଆଡୁ ସହଯୋଗର ହାତ ବଢ଼ିଲା ଏବଂ ଧୀରେ ଧୀରେ ଏହି ବୃତ୍ତି ବ୍ୟବସାୟର ରୂପ ନେଲା । ପରେ ଚାରିଆଡୁ ପ୍ରଶଂସାର ସୁଅ ଛୁଟିଲା ।

**ବିଜ୍‌ନେସ୍ ବ୍ରେକିଙ୍ଗ୍: ଏବେ ଆପଣଙ୍କ କମ୍ପାନୀ କେତେ ସୁଦୂରପ୍ରସାରୀ ହେଇପାରିଛି, ରାଜ୍ୟରୁ କେଉଁ ଦେଶକୁ ଯାଇପାରିଛି ?**

୪୦୦ ଟଙ୍କାରୁ ଆରମ୍ଭ କରିଥିଲି ଏବେ ଦୁଇ ହଜାର କୋଟିର ବ୍ୟବସାୟ କରୁଛି । ୫୦ ଜଣ କର୍ମଚାରୀରୁ ଏବେ ପାଞ୍ଚ ହଜାରରୁ ଊର୍ଦ୍ଧ୍ୱ କାରିଗର କାମ କରି ପେଟ ପୋଷି ପାରୁଛନ୍ତି । ଭାରତର କାଶ୍ମୀରଠୁ କୁଏତ୍ ପର୍ଯ୍ୟନ୍ତ, ଏପଟେ ଓଡ଼ିଶାର ପ୍ରାୟ ସବୁ ଜିଲ୍ଲା ଏପରିକି ମାଲକାନଗିରିରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟବସାୟ ଚାଲିଛି । କହିବାକୁ ଗଲେ 'ଭାରତ ମସଲା' ଓଡ଼ିଶାର କୋଣ ଅନୁକୋଣ ସହ କୋଟି କୋଟି ହାଣ୍ଡିଶାଳରେ ପହଂଚିଛି ।

▶ P4

## This Fortnight ▶

March 1: Indian Super League football match between Odisha FC & Chennaiyin FC, Kalinga Stadium, Bhubaneswar

March 5: International Conference on Business Management, Humanities and Social Science, Puri organized by the South Asian Research Center (SARC)

March 6: Indian Super League football match between Odisha FC & Mohun Bagan Super Giant, Kalinga Stadium, Bhubaneswar

March 7: Sunburn Holi weekend music festival, Bhubaneswar

March 7: International Conference on Innovative Research Practices in Economics, Business and Social Sciences, Bhawanipatna organized by International Society for Engineering and Technical Education (ISETE)

March 13: India Mines & Minerals Conclave Organized by ASSOCHAM, Bhubaneswar

> Uncommon thinkers reuse
> what common thinkers refuse
> -JRD Tata



## Dying Dynamics, Evolving Equations

The girl in my neighborhood dumped her handsome lover of 7 years for a bald bespectacled man with a hefty bank balance. Pakistan dumped its brotherhood propaganda by making Bangladesh scapegoat as the self-proclaimed leader of the ummah was about to loose 1,300 crore for refusing to play India in Colombo.

From university class rooms to oyo rooms, from bed rooms to board rooms, from federations to united nations, the old dynamics are becoming redundant giving way for new equations. It reminds me of the famous slogan 'yeh dil mange more' that revitalized Pepsi when 90s decade was coming to an end. Little

Viewfinder

Sibasis Satapathy

did Anuja Chuhan, the creator of this memorable catchphrase, know that the urge described through this short yet sweet line would change the dynamics of the relationships, both private and political. Everybody, be it nations or their citizens, wants to be richer, bigger; if not happier. Bigger cars, taller apartments, fuller figure, bigger smartphones, higher GDP, more gold reserve, stronger military ...power play is on full display. The first quarter of 21st century saw skyrocketing of demand, created through continuously influencing tastes, preferences and supply, managed with struggle. But, the question is, can this growth continues to move upward, if the bottom of the pyramid remains heavier?

Dollar is dying a slow death, America is scared of a fall, not because other nations are uprising, because even NATO and EU have started looking east. The reset is happening. In this evolving situation, despite peer pressure, India is doing the biggest disruption in international relations by not taking sides. India now is that beauty with brain everybody wants to have an affair. After BRICS, QUAD, SCO, now India is the poster boy of the Global South. India is playing internationally the same game what they won at the home ground. Like India, through various schemes, brought nearly 38 crore people out of poverty, it is now empowering countries who used to be pawns fighting for kings and queens. But, will the powerful accept it, although they are now praising India. NO, NEVER. Following its philosophy, India coined One Earth, One Family, One Future for G20 2023 summit and Welfare for All, Happiness of All for recently concluded AI Impact Summit. But, India has to brace itself for shocking and surprising. India must be ready for the upcoming bloody game.

## Other View

### With trade expansion, India and Israel bond goes beyond defence

Indian Prime Minister Narendra Modi announced strengthening of defence, trade and counter-terrorism ties with Israel during a rare visit, forging closer bonds to combat security threats in their respective regions. Defence relations between the nations are an 'important pillar' of the partnership, Modi said in an address to the Knesset, Israel's parliament, on Wednesday, after arriving in Tel Aviv for the first time in nine years. He and Prime Minister Benjamin Netanyahu are 'committed to expanding trade,' strengthening investment flows, and promoting joint infrastructure development, Modi said, citing last year's ceasefire in the war in Gaza as creating a means to cooperate more closely. 'In today's uncertain world, a strong defence partnership between trusted partners like India and Israel is of vital importance," he said. Modi is expected to finalize a major order for Israeli-made missile systems as part of the visit. Israel is one of India's biggest arms suppliers going back decades, with the defence relationship evolving over time to the point where the two countries now jointly manufacture equipment like drones and missiles. Israel and India are strengthening their bonds at a time when their rivals in the region are forging closer alliances. Pakistan- a nuclear-armed nation that India has clashed with several times over the years, signed a mutual defence pact with Saudi Arabia. Trade is a big focus of the trip. Israeli negotiators this week travelled to India to kick off talks on a free-trade pact, building on terms of reference agreed to in November. That would give Israel greater access to one of the world's fastest-growing economies. India is Israel's second-largest trading



partner in Asia with bilateral trade estimated at $5 billion in 2025, including goods, services, and diamonds and excluding defence, according to the Israeli Economy and Industry Ministry. Modi's government is also the biggest buyer of Israeli defence equipment, accounting for as much as 34% of all arms exports, according to the Stockholm International Peace Research Institute. Israel and India are developing a maritime and land corridor that will connect India to the port of Haifa and from there to the Europe, Netanyahu said.

## Point of View

### ବାଂଲାଦେଶରେ ନୂଆ ସରକାର: ଭାରତ-ବାଂଲାଦେଶ ସମ୍ପର୍କର ନୂଆ ଆଶା

ବାଂଲାଦେଶରେ ୧୩ତମ ସାଧାରଣ ନିର୍ବାଚନ ଶେଷ ସହ ସେଠାରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି ସରକାର ଗଢିଛି । ଦେଶର ପ୍ରଧାନମନ୍ତ୍ରୀ ଭାବେ ନେତୃତ୍ୱ ନେଇଛନ୍ତି ବି.ଏନ.ପି ମୁଖ୍ୟ ତାରିକ ରହମାନ । ନିର୍ବାଚନର ମାତ୍ର କିଛି ଦିନ ପୂର୍ବରୁ ଲଣ୍ଡନରୁ ଦୀର୍ଘ ୧୮ବର୍ଷ ପରେ ସେ ବାଂଲାଦେଶ ଫେରି ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟିର ନେତୃତ୍ୱ ନେଇଥିଲେ । ରହମାନ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଖାଲିଦା ଜିଆଙ୍କ ପୁଅ । ବାଂଲାଦେଶରେ ନିର୍ବାଚନ ହୋଇଥିବା ମୋଟ ୨୯୯ ଆସନରୁ ବିଏନପି ୨୧୨ ଆସନ ବିଜୟ ହୋଇ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢିଛି । ତେବେ ଦୀର୍ଘ ଦେଢବର୍ଷ ଧରି ଭାରତର ଏହି ବିଶ୍ୱସ୍ତ ପଡୋଶୀ ବାଂଲାଦେଶ ସହ ଆମର ସଂପର୍କ ଏବେ ତିକ୍ତତା ଭିତରେ ରହିଛି । ଏସିଆର ଦ୍ରୁତ ଅଭିବୃଦ୍ଧି ରାଷ୍ଟ୍ରରେ ଛାତ୍ର ଆନ୍ଦୋଳନ, ସରକାରରେ ଅସ୍ଥିରତା ଶେଷରେ ଦେଶର ପ୍ରଧାନମନ୍ତ୍ରୀ ସେଖ ହସିନାଙ୍କୁ ଗାଦିଚ୍ୟୁତ କରିବା ସହ ଦେଶ ଛାଡିବାକୁ ପଡିଥିଲା । ତେଣୁ ବର୍ତ୍ତମାନ ନୁଆ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କ ଶାସନରେ କିଛି ପରିବର୍ତ୍ତନ ଆଶା କରାଯାଉଛି । ବାଂଲାଦେଶ ପାଇଁ ବଡ ଚ୍ୟାଲେଞ୍ଜ ହୋଇଛି ନିଜ ଅର୍ଥନୀତିକୁ ଟ୍ରାକକୁ ଆଣିବା । ସରକାର ସଂଖ୍ୟାଲଘୁଙ୍କ ବିଶ୍ୱାସ ଜିତିବା । ତେଣୁ ଭାରତ ସବୁବେଳେ ଲୁକ୍ ଇଷ୍ଟ ଓ ଲୁକ୍ ୱେଷ୍ଟ ନୀତି ସହ "ପଡୋଶୀ ପ୍ରଥମ" ନୀତିକୁ ଗୁରୁତ୍ୱ ଦେଉଥିବା ବେଳେ ବର୍ତ୍ତମାନ ବାଂଲାଦେଶର ନୂଆ ପ୍ରଧାନମନ୍ତ୍ରୀ ତାରିକ ରହମାନ ଭାରତ ସହ ପୁଣି ଉତ୍ତମ ସଂପର୍କ ଯୋଡିବା ବାଂଲାଦେଶ ବିକାଶ ପାଇଁ ଅତ୍ୟନ୍ତ ଜରୁରୀ । ବିଶେଷ କରି ଦକ୍ଷିଣ ଏସିଆରେ ସ୍ଥିରତା, ଶାନ୍ତି ପାଇଁ ଭାରତ ପଡୋଶୀ ରାଷ୍ଟ୍ରମାନଙ୍କ ସହ ସୁସଂପର୍କ ଓ ସମନ୍ୱୟ ରଖିବାକୁ ସବୁବେଳେ ଚେଷ୍ଟା ଜାରି ରଖିଛି । ପୂର୍ବ ପ୍ରଧାନମନ୍ତ୍ରୀ ସେଖ ହସିନାଙ୍କ ଶାସନ ସମୟରେ ଭାରତ ବାଂଲାଦେଶର ଦ୍ୱିତୀୟ ବୃହତ୍ତମ ବାଣିଜ୍ୟ ସହଯୋଗୀ ରହିଥିଲା। ୨୦୨୧-୨୨ ରେ ଭାରତ-ବାଂଲାଦେଶ ଦ୍ୱିପାକ୍ଷିକ ବାଣିଜ୍ୟ ୧୮ବିଲିୟନ ଡଲାର ଟପିଥିଲା । ଏହାସହ ଡ୍ୟୁଟି ଫ୍ରି କୋଟାରେ ଉଭୟ ଦେଶର ସହଯୋଗ, ଭିତ୍ତିଭୂମି ନିର୍ମାଣରେ ସହଯୋଗ, ହାୱଡା-ଅଗରତାଲା ରେଳ ସଂଯୋଗ , ମୈତ୍ରି ସେତୁ ପାଇଁ ସହଯୋଗକୁ ପ୍ରାଥମିକତା ଦେଇ ଆସୁଥିଲା ଭାରତ । ହାଇସ୍ପିଡ ଡିଜେଲ ଯୋଗାଣ ପାଇଁ ଉଭୟ ଭାରତ-ବାଂଲାଦେଶ ବନ୍ଧୁତ୍ୱପୂର୍ଣ୍ଣ ପାଇପ୍ ଲାଇନ୍ ପ୍ରୋଜେକ୍ଟ ମଧ୍ୟ ଆରମ୍ଭ କରିଥିଲେ । କିନ୍ତୁ ଦେଶରେ ମଧ୍ୟବର୍ତ୍ତି ସରକାର ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଆରମ୍ଭ ହେବା ପରେ ଭାରତ-ବାଂଲାଦେଶ ସଂପର୍କ ତିକ୍ତତାର ଚରମ ସୀମାରେ ପହଞ୍ଚିଛି । ମହମ୍ମଦ ୟୁନୁସଙ୍କ ଭାରତ ବିରୋଧୀ ଆଭିମୁଖ୍ୟ ଉଭୟ ଦେଶର ଦ୍ୱିପାକ୍ଷିକ ସଂପର୍କ ଓ ଅର୍ଥନୈତିକ ସଂପର୍କକୁ ବଡ ଝଟକା ଦେଇଛି । ଚୀନ ସହ ମହମ୍ମଦ ୟୁନୁସଙ୍କ ଘନିଷ୍ଠତା ବଢିଛି । ପାକିସ୍ତାନ ସହ ମିଶି ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ଦେଉଛନ୍ତି ୟୁନୁସ । ତେଣୁ ଶେଖ ହସିନାଙ୍କ ଶାସନ କାଳରେ ଭାରତ-ବାଂଲାଦେଶ ସଂପର୍କରେ ସମ୍ପୂର୍ଣ୍ଣ ଭଟ୍ଟା ପଡିଛି



କହିଲେ ଚଳେ । ଉଭୟ ବାଂଲାଦେଶ ଓ ଭାରତ ପାଇଁ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ସମସ୍ୟା, ବାଂଲାଦେଶୀ ଅନୁପ୍ରେବଶ ପ୍ରସଙ୍ଗ ଦ୍ୱିପାକ୍ଷିକ ଆଲୋଚନାରେ ସମାଧାନ ବଦଳରେ ଏହା ଦିନକୁ ଦିନ ଅଧିକ ଗୁରୁତ୍ୱ ରୂପ ନେଉଛି । ତିସ୍ତା ନଦୀ ଜଳ ବଣ୍ଟନ ସମାଧାନ ବାଟ ବାହାରି ପାରିନି । ଚୀନ ମଧ୍ୟ ତିସ୍ତା ନଦୀ ଜଳ ଉପରେ ଅଧିକାର ଜମେଇବାକୁ ବାଂଲାଦେଶ ଉପରେ ଚାପ ପକାଇ ଆସୁଛି । ଆର୍ଥିକ ପ୍ରଲୋଭନ ଦେଖାଇ ବାଂଲାଦେଶକୁ ନିଜ ସପକ୍ଷରେ ନେବାକୁ ଚାହୁଁଛି ଚୀନ । ତେଣୁ ଚୀନକୁ ଚେକ୍ ଦେବାକୁ ବାଂଲାଦେଶ ବର୍ତ୍ତମାନ ସ୍ଥିତିରେ ଭାରତ ସହ ଦୃଢ ସଂପର୍କ ଆଉ ଥରେ ଆରମ୍ଭ କରିବା ଜରୁରୀ । ବିଶେଷ କରି ଉଭୟ ଭାରତ ଓ ବାଂଲାଦେଶ ମଧ୍ୟରେ ଗଙ୍ଗା ନଦୀ ଜଳ ବଣ୍ଟନ ଚୁକ୍ତି ନବୀକରଣ ଜରୁରୀ । ବାଂଲାଦେଶ ଚୀନ ପାର୍ଶ୍ୱକୁ ଢଳିବା ଦ୍ୱାରା ବାଂଲାଦେଶର ପ୍ରଭୁତ୍ୱ କ୍ଷତି ହେବାକୁ ଯାଉଛି । ଚୀନ ୧ବିଲିୟନ ଡଲାର କମ୍ ସୁଧରେ ଋଣ ଦେବାକୁ ବାଂଲାଦେଶକୁ କହିଛି । କିନ୍ତୁ ବାଂଲାଦେଶ ଚୀନର ଚାଲ ବୁଝିପାରୁନି । ୨୦୨୩ ନଭେମ୍ବରରେ ଉଭୟ ଭାରତ-ବାଂଲାଦେଶ ମଧ୍ୟରେ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ଶିଖର ବୈଠକ , ୨୦୨୩ରେ ନୂଆଦିଲ୍ଲୀରେ ଜି-20 ବୈଠକରେ ଅନେକ ପ୍ରସଙ୍ଗ ଆଲୋଚନା ହୋଇ ସାରିଛି । ୨୦୨୩ ମାର୍ଚ୍ଚରେ ଉଭୟ ଦେଶ ମଧ୍ୟରେ ମୈତ୍ରୀ ପାଇପଲାଇନ୍ ଉଦଘାଟନ,



ଗତ ଜାନୁଆରୀ ୨୦୨୩ରେ ଭଏସ୍ ଅଫ୍ ଗ୍ଲୋବାଲ ସାଉଥ ଶିଖର ବୈଠକ, ୨୦୨୧ରେ ଢାକାରେ ମୈତ୍ରୀ ସେତୁର ଭର୍ଚୁଆଲ ଉଦଘାଟନ ଭାରତ ଓ ବାଂଲାଦେଶର ମିଳିତ ପ୍ରୟାସରେ ସମ୍ଭବ ହୋଇଛି । କିନ୍ତୁ ଗତ ଦେଢ ବର୍ଷ ମଧ୍ୟରେ ଭାରତ ବାଂଲାଦେଶ ସଂପର୍କରେ ବଡ ପରିବର୍ତ୍ତନ ଆସିଛି । ମହମ୍ମହ ୟୁନୁସ ଭାରତ ସହ ସଂପର୍କ ନିବିଡତା ଚାହୁଁ ନାହାନ୍ତି । ତେଣୁ ବର୍ତ୍ତମାନ ତାରିକ ରହମାନ ଦେଶର ନୂଆ ପ୍ରଧାନମନ୍ତ୍ରୀ ହେବା ପରେ ଭାରତ ବାଂଲାଦେଶ ମଧ୍ୟରେ ପୁଣି ଥରେ ସେହି ପୁରୁଣା ସଂପର୍କ ମଜବୁତ ହେବା ଭଳି ମନେ ହେଉଛି । କାରଣ ତାରିକ ରେହମନଙ୍କ ଶପଥ ଉତ୍ସବରେ ଲୋକସଭା ବାଚସ୍ପତି ଓମ ବିର୍ଲା ଯୋଗ ଦେଇଥିବା ବେଳେ ଉଭୟ ନେତା ଆଗାମୀ ଦିନରେ ଦୁଇଦେଶ ମଧ୍ୟରେ ସଂପର୍କ ସୁଧାର ନେଇ କଥା ହୋଇଛନ୍ତି । ଦୀର୍ଘ ୧୮ମାସ ଧରି ଉଭୟ ଦେଶ ମଧ୍ୟରେ ବନ୍ଦ ଥିବା ମୈତ୍ରି ବସ ସେବା ପୁଣି ଆରମ୍ଭ ହୋଇଛି । ଅଗରତାଲା-ଢାକା-କୋଲକାତା ମଧ୍ୟରେ ବସ ସେବା ଆରମ୍ଭ ହୋଇଛି । ଉଭୟ ଦେଶ ମଧ୍ୟରେ ଭିସା ସର୍ଭିସ ବନ୍ଦ ଥିବା ବେଳେ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି । ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରେହମନଙ୍କୁ ଭାରତ ଗସ୍ତ ପାଇଁ ନିମନ୍ତ୍ରଣ କରାଯାଇଛି । ତେଣୁ ଆଗାମୀ ଦିନରେ ଭାରତ-ବାଂଲାଦେଶ ସଂପର୍କ ମଜବୁତ ନେଇ ଆଶା କରାଯାଉଛି । ଶେଷରେ ଆମେ ଏତିକି କହିପାରିବା ଭାରତ-ବାଂଲାଦେଶ ମଧ୍ୟରେ ବିବାଦ ରହିଛି କିନ୍ତୁ ସମାଧାନ ପାଇଁ ଉଭୟ ଦେଶ ଚେଷ୍ଟା କରିବା ବର୍ତ୍ତମାନ ସ୍ଥିତିରେ ନିହାତି ଜରୁରୀ, ଯାହାଦ୍ୱାରା ଦକ୍ଷିଣ ଏସିଆରେ ଶାନ୍ତି ପ୍ରଗତି ପାଇଁ ଏକ ନିର୍ଣ୍ଣାୟକ ଭୂମିକା ନେବ । ଆଗାମୀ ଦିନରେ ଏଥିରେ ସୁଧାର ଆସିବ ବୋଲି ଆଶା କରାଯାଉଛି ।

**ଲଳିତେନ୍ଦୁ ପଲାଉରୀ**
**lucky.lalitendu@gmail.com**

## Corporate Calendar


# OMCକୁ ୨୦୨୫ ପାଇଁ ସମ୍ମାନଜନକ Golden Peacock HR Excellence Award




ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ଖଣି ନିଗମ ଲିମିଟେଡ୍ (OMC)କୁ ସମ୍ମାନଜନକ ଗୋଲ୍ଡେନ୍ ପିକକ୍ HR ଉତ୍କର୍ଷ-୨୦୨୫ ପୁରସ୍କାର ପ୍ରଦାନ କରାଯାଇଛି । ମୁମ୍ବାଇରେ ଅନୁଷ୍ଠିତ ୨୦ତମ ଆନ୍ତର୍ଜାତୀୟ କର୍ପୋରେଟ୍ ସାମାଜିକ ଦାୟିତ୍ୱ (CSR) ସମ୍ମିଳନୀରେ Institute of Directors ପକ୍ଷରୁ ଏହି ପୁରସ୍କାର ମିଳିଛି । OMC ଜୀବିକା ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶରେ ଏହାର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ୩୧ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ଦେଇଛି। ଉତ୍ତମ ମାନବ ସମ୍ବଳ ବ୍ୟବସ୍ଥା, ଦୃଢ଼ କର୍ମଶକ୍ତି ପରିଚାଳନା ଅଭ୍ୟାସ ଏବଂ ସାଂଗଠନିକ କ୍ଷମତା ନିର୍ମାଣ ଉପରେ OMC ନିରନ୍ତର କାର୍ଯ୍ୟରତ । ନିଗମ ଏହାର କାର୍ଯ୍ୟରେ ସଂରଚିତ ତାଲିମ ମଡ୍ୟୁଲ୍, ଦକ୍ଷତା-ଉନ୍ନତି କାର୍ଯ୍ୟକ୍ରମ, ସ୍ୱଚ୍ଛ କାର୍ଯ୍ୟଦକ୍ଷତା ପରିଚାଳନା ପ୍ରଣାଳୀ ଏବଂ ଡିଜିଟାଲ୍ HR ସମନ୍ୱୟକୁ ସୁଦୃଢ଼ କରିଛି। ଆର୍ଥିକ ବର୍ଷ ୨୦୨୪-୨୫ରେ ନିଗମ ୪୦.୧୯ ନିୟୁତ ଟନ୍ ରେକର୍ଡ ଉତ୍ପାଦନ ସ୍ତର ହାସଲ କରିଛି, ଯାହା ଭାରତର ପ୍ରମୁଖ ରାଜ୍ୟ-ମାଲିକାନା ଖଣି PSU ମଧ୍ୟରୁ ଅନ୍ୟତମ ଭାବେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। କାର୍ଯ୍ୟକ୍ଷମ ଅଭିବୃଦ୍ଧି ସହିତ ନିଗମ ସୁରକ୍ଷା ପ୍ରୋଟୋକଲଗୁଡ଼ିକର କଠୋର ପାଳନ ବଜାୟ, ବ୍ୟାପକ କର୍ମଚାରୀ କଲ୍ୟାଣ ପଦକ୍ଷେପ କାର୍ଯ୍ୟକାରୀ, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ ଏବଂ ଶୂନ୍ୟ ମୃତ୍ୟୁ ରେକର୍ଡ କରିଛି, ଯାହା ନିରାପଦ ଏବଂ ଦାୟିତ୍ୱପୂର୍ଣ୍ଣ ଖଣି ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହି ସ୍ୱୀକୃତି OMCର ସ୍ଥିତିକୁ ଏକ ଦାୟିତ୍ୱପୂର୍ଣ୍ଣ ଏବଂ ଭବିଷ୍ୟତବାଦୀ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗ ଭାବରେ ଆହୁରି ସୁଦୃଢ଼ କରେ, ଯାହା କେବଳ କାର୍ଯ୍ୟକ୍ଷମ ଉତ୍କର୍ଷତା ପାଇଁ ନୁହେଁ ବରଂ ଲୋକକେନ୍ଦ୍ରିକ ଅଭିବୃଦ୍ଧି ପାଇଁ ମଧ୍ୟ ସଂକଳ୍ପବଦ୍ଧ । କର୍ମଚାରୀମାନେ ନିୟମିତ ଭାବରେ ଉନ୍ନତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ଦ୍ରୁତ ପରିବର୍ତ୍ତିତ ଶିଳ୍ପରେ ସେମାନଙ୍କୁ ପ୍ରତିଯୋଗିତାମୂଳକ ରଖିବା ପାଇଁ ନିଗମ ତାଲିମ ଦେଉଛି । ଏହି ସକ୍ରିୟ ମାନବ ସମ୍ବଳ ରଣନୀତିଗୁଡ଼ିକ ଶେଷରେ Institute of Directors ଙ୍କ ଦୃଷ୍ଟି ଆକର୍ଷଣ କଲା । ସେଥିପାଇଁ ନିଗମକୁ ଏହି HR ଉତ୍କର୍ଷତା ପୁରସ୍କାର ପ୍ରଦାନ କରାଯାଇଛି । ଉଲ୍ଲେଖନୀୟ ଯେ ଓଡ଼ିଶା ଖଣି ନିଗମ ଲିମିଟେଡ୍ ହେଉଛି ଏକ ଅଗ୍ରଣୀ ରାଷ୍ଟ୍ରାୟତ୍ତ ଖଣି ପିଏସୟୁ ଯାହା ଲୁହାପଥର, ବକ୍ସାଇଟ୍ ଏବଂ କ୍ରୋମ ପଥର ସମେତ ଖଣିଜ ପଦାର୍ଥର ଅନୁସନ୍ଧାନ ଏବଂ ଉତ୍ପାଦନରେ ନିୟୋଜିତ ।

# ମଣିପାଲ୍ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଲିଭର ଟ୍ରାନ୍ସପ୍ଲାଣ୍ଟ କ୍ଷେତ୍ରରେ ନୂତନ ମାଇଲଷ୍ଟୋନ୍

ଫେବୃୟାରୀ ୨୪ ତାରିଖରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ପ୍ରେସ୍ ମିଟ୍ ଆୟୋଜିତ ହୋଇଥିଲା, ଯେଉଁଥିରେ ବର୍ଷୋଧିକ କ୍ଲିନିକାଲ୍ ଅନୁଭବ ଓ ଦକ୍ଷତା ଆଧାରିତ ଲିଭର ପ୍ରତ୍ୟାରୋପଣ କ୍ଷେତ୍ରରେ ହସ୍ପିଟାଲର ସ୍ଥାନକୁ ପୁନଃ ଉଲ୍ଲେଖ କରାଯାଇଥିଲା। ଏହି ସମ୍ମିଳନୀରେ ଓଡିଶାରେ ବଢୁଥିବା ଲିଭର ରୋଗ ନେଇ ଚିନ୍ତା ପ୍ରକାଶ ପାଇଥିଲା। ନିକଟରେ କରାଯାଇଥିବା ଏକ ସର୍ଭେ ଅନୁସାରେ, ପ୍ରାୟ ପ୍ରତ୍ୟେକ ତିନି ଜଣ ମଧ୍ୟରୁ ଜଣେ ବ୍ୟକ୍ତି ଫ୍ୟାଟି ଲିଭର ରୋଗରେ ପୀଡ଼ିତ ହୋଇପାରନ୍ତି। ଏବଂ ପ୍ରତି ଛଅ ଜଣ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ NASH (ଲିଭର ଜନିତ ଗୁରୁତର ଅବସ୍ଥା) ହେବାର ଆଶଙ୍କା ରହେ, ଯାହା ପରେ ଲିଭର ସିରୋସିସ୍‌କୁ ଅଗ୍ରସର ହୋଇପାରେ। ଆମ ରାଜ୍ୟରେ ଲିଭର ସିରୋସିସ୍‌ର ପ୍ରକୋପ ପ୍ରାୟ ୧୬.୭ ଶତଂଶ ଥିବା ବେଳେ, ପୂର୍ବ ଭାରତରେ ପ୍ରାୟ ଅର୍ଦ୍ଧାଧିକ ଦୀର୍ଘକାଳୀନ ଲିଭର ରୋଗୀ ସିରୋସିସ୍‌ରେ ଚିହ୍ନଟ ହେଉଛନ୍ତି।




ଏହି ପ୍ରେସ୍ ମିଟ୍‌ରେ ଡାକ୍ତରମାନେ ଓ ସଫଳ ଲିଭର ଟ୍ରାନ୍ସପ୍ଲାଣ୍ଟ ରୋଗୀମାନେ ଯୋଗଦେଇଥିଲେ। ପ୍ରତ୍ୟେକ ଟ୍ରାନ୍ସପ୍ଲାଣ୍ଟ ପଛରେ ଥିବା ସଂଘର୍ଷ, ଆଶା ଓ ନୂତନ ଜୀବନର କାହାଣୀମାନେ ଏହି ଅବସରରେ ସାମ୍ନାକୁ ଆସିଥିଲା। ଏହି ବିଶେଷ କାର୍ଯ୍ୟକ୍ରମକୁ ବରିଷ୍ଠ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜନ ଡାକ୍ତର ରାଜ ଶେଖର କେ, ଅଧକ୍ଷତା କରିଥିଲେ। ତାଙ୍କ ସହ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଅନୁଭବୀ ଡାକ୍ତରୀ ଟିମ୍ ଯଥା, ମେଡିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଡାକ୍ତର ପ୍ରତାପ ବେହେରା , ଡାକ୍ତର ଜ୍ଞାନରଞ୍ଜନ ରାଉତ, ଡାକ୍ତର ସମ୍ବିତ କୁମାର ଭୂୟାଁ, ଏବଂ ମଣିପାଲ ହସ୍ପିଟାଲର କ୍ଲଷ୍ଟର ଡାଇରେକ୍ଟର ସାଉଥ୍ ଇଷ୍ଟ ଡାକ୍ତର ଶକ୍ତିମୟ ମହାପାତ୍ର ଉପସ୍ଥିତ ଥିଲେ । ମଣିପାଲ ହସ୍ପିଟାଲ ଭୁବନେଶ୍ୱର ଏପର୍ଯ୍ୟନ୍ତ ୬୦୦ରୁ ଅଧିକ କିଡନି ଟ୍ରାନ୍ସପ୍ଲାଣ୍ଟ ସଫଳତାର ସହ କରିଛି, ଯାହା ଓଡ଼ିଶାରେ । ଏହା ଉନ୍ନତ ପ୍ରତ୍ୟାରୋପଣ ଚିକିତ୍ସାରେ ମଣିପାଲ ହସ୍ପିଟାଲର ନେତୃତ୍ୱକୁ ଆହୁରି ମଜବୁତ କରିଛି।

## CSR Record

# Enjoying lion's share of CSR funds, can education be made future-ready by companies

"Businesses cannot be Successful when the Society around them Fails". Society fails when its people are not skilled for the present and ready for the future. With at least 2% of the average net profits from the previous 3 years earmarked for the Corporate Social Responsibility (CSR) budget, funding from the entitled companies has increased more than 40% since the directive came into force in 2014. From ₹24,834 crore in FY 2014-15, it has reached approximately ₹34,909 crore in FY 2023-24. 44% of total the CSR expenditure amounting to approximately ₹13,209 crore goes to Education in FY2023-24, making it the highest-funded sector. Scenario in Odisha is similar to national trend, where out of total ₹1,389.39 crore spent under CSR funds from 557 companies in FY2023-24, 601.52 crore, that is 43%, was allocated for Education only. The CSR expenditure towards education in India is largely allocated to make students skilled with respect to current



requirements. But are they future ready? With the current level of teaching, can they beat AI-ready students from America and China. Because, at the global stage, companies do not compete, it is their Talent and technology that outsmart other global players. It's the last stop where the companies need to bring (artificial) intelligent workforce by remodeling their CSR allocation to avoid missing the bus to the future. At the recently concluded AI Impact Summit, Reliance Industries declared an investment of 100 trillion rupees in the coming 7 years in the field of AI. To make it fruitful for the company as well as the country, it needs to redesign their CSR budget allocation, which was 900 crore in FY2023-24, keeping the AI education ecosystem in mind. Top CSR spenders in Odisha like MCL and JSPL should also catch the bus.

## Department Digest

# HEALTH: PM RAHAT scheme to launch in Odisha


Odisha is all set to launch the PM RAHAT Scheme, a landmark initiative aimed at reducing road accident fatalities. The scheme provides free medical treatment up to ₹1.5 lakh for victims admitted to hospitals within 24 hours of an accident, with coverage lasting up to seven days. Funded by the Motor Vehicle Accident Fund, the scheme will be implemented across PMJAY-empanelled hospitals and other emergency care facilities. The initiative is integrated with the 112 emergency response system, ensuring rapid assistance and real-time SMS alerts to stakeholders. Police authorities will upload accident details to the e-DAR portal within 24 hours, facilitating claims processing through the Transaction Management System. With Odisha recording nearly 16 road accident deaths daily, the scheme aims to save lives during the critical "golden hour". District collectors will oversee local implementation, and grievance redressal mechanisms are in place.

# TRANSPORT: Odisha budget 2026–27 unveils ₹421 crore for urban mobility

The Odisha Budget 2026–27 has earmarked ₹421 Crore for Urban Mobility, paving the way for a significant expansion of electric bus services and technology-driven public transport systems across the State. Anchored by Capital Region Urban Transport (CRUT), AMA BUS has emerged as a national benchmark in electric mobility adoption. Currently serving nearly 3.3 lakh commuters daily, CRUT operates 290 electric buses, with close to 40 percent of ticketing transactions conducted digitally reflecting strong commuter confidence in smart and seamless services. Building on this momentum, the Budget allocation will facilitate the induction of 600 additional electric buses under various urban mobility initiatives. Further 400 new electric buses will be deployed across five cities under the PM e-Bus Sewa initiative. This large-scale expansion is expected to substantially enhance intra-city connectivity, ease traffic congestion and reduce carbon emissions across urban areas. Hailing the Budget as transformative and forward-looking, Dr. Krushna Chandra Mahapatra, Minister, Housing & Urban Development, said "The ₹421 Crore allocation for Urban Mobility reflects our Government's unwavering commitment to people-centric development".

## Realty Reality

# Capital city's commercial property market: Emerging growth destination in Eastern India



Bhubaneswar, being the vertex of the golden triangle, has emerged as the most sought-after destination for businesses; whether it is tourism or transportation, hotels or healthcare. Driven by expanding economic activity, government initiatives, and rising demands for office, retail, hospitality, and industrial segments, Bhubaneswar's commercial property market, like residential market, has grown steadily over the past decade. Faster GSDP growth in Odisha has boosted employment and economic activity, strengthening the real estate sector. As a fast-growing, well-planned city with strong public infrastructure and quality of life, Bhubaneswar is emerging as a key commercial real estate hub beyond traditional metro markets.

The office space segment is a major pillar of Bhubaneswar's commercial real estate. Driven primarily by the growth of the IT/ITeS, business services, finance, and GCCs, office leasing has expanded over the years. Key business hubs such as Infocity and Infovalley have attracted significant corporate presence, including global captives, boosting demand for Grade A office space. Traditional commercial zones and high footfall areas like Janpath, Saheed Nagar, Jaydev Vihar and Patia are among the most preferred for office space leasing and command premium retail rents and continue to attract national and regional brands. Leasing rates for quality office space vary by location, reflecting different levels of demand and infrastructure support.

In Bhubaneswar, coworking and flexible office spaces are rapidly growing due to demand from startups, SMEs, and hybrid work models. Locations such as Nexus Esplanade, DLF Cybercity, Infocity offer premium and plug-and-play office solutions, making them attractive for expanding IT offices and small businesses seeking scalable, cost-effective workspace options. Similar office towers are operating in the area with many under construction phase.

Beyond offices and retail, Bhubaneswar's warehousing and logistics real estate is gradually picking up, especially around peripheral industrial corridors and major highways. Leasing activity in the warehousing segment has seen substantial year-on-year growth, reflecting rising demand for storage and distribution facilities linked to e-commerce and manufacturing supply chains.

However, the fast growth of commercial properties faces hiccups because the homegrown real estate developers focus more on developing residential properties than commercial spaces. Also, local business houses prefer private rented office spaces than organized commercial properties. The gap needs to be narrowed down by decreasing price for business owners and increasing profitability for developers.


Overall, Bhubaneswar's commercial realty sector is positioned for long-term growth. Expansion of the IT/ITES ecosystem, rising consumer demand, and supportive policy frameworks will continue to shape the market, making the city an attractive destination for both institutional investors and local developers.

**Siddharth Pujari,**
**siddharth.pujari@outlook.com**

## Market Trend

# Tariff jitters and AI concerns weigh heavy on IT keeping Indian equities on edge

Over the last fortnight, the Indian stock market has experienced a period of volatility marked by sharp swings, sectoral rotation, and mixed investor sentiment. On 24 February, the NIFTY 50 and BSE Sensex fell sharply due to heavy selling in IT and auto stocks, erasing about ₹6.3 lakh crore in investor wealth and dragging overall market capitalisation lower, with both indices dropping over 1% intraday. The steep slide wiped out Rs 6.3 lakh crore in investor wealth, dragging the total BSE market capitalisation down to around Rs 462 lakh crore. Despite recent rally attempts, markets showed uneven strength earlier in the month. Around early February, a sharp sell-off following the Union Budget 2026 saw the Sensex drop over 1,500 points, and Nifty slipped below key support levels as traders reacted to a hike in securities transaction tax and profit-booking pressures. A sharp and sustained sell-off in the technology sector has pushed the NIFTY IT to fresh lows, driven by AI-related disruption fears and reduced foreign investor exposure. Major IT stocks, including TCS, Infosys, Tech M, HCL Technologies, and Wipro, have led the decline, with the index falling over 20% month-to-date. Overall, the Indian equity market in the past 15 days has oscillated between correction phases and selective rallies. Global and macro triggers, including uncertainties over the U.S. tariff policies and geopolitical risks have continued to influence sentiment, contributing to intermittent weakness in IT and media stocks.




## ମସଲା ଶିଳ୍ପର ବାଦଶାହ...

**ବିଜ୍‌ନେସ୍ ବ୍ରେକିଙ୍ଗ୍: କିଛି ସ୍ମୃତି ସେୟାର କରନ୍ତୁ, ଯାହା ଆପଣଙ୍କ ପାଇଁ ଏକ ନିଆରା ଅନୁଭୂତି ?**

ଥରେ କୁଏତ୍ ଯାଇଥିଲି, ମୋତେ ମିଟିଂରେ କହିବାର ସୁଯୋଗ ମିଳିଲା । ମୁଁ ଧୋତି ପିନ୍ଧିଥିବାର ଦେଖି ସମସ୍ତେ ମୁରୁକି ହସୁଥିଲେ । ମୋର ପ୍ରଥମ ବକ୍ତବ୍ୟ ଥିଲା- ''ମେରା ଭାରତ ମହାନ୍, ହମ କିସି ସେ କମ୍ ନେହିଁ..| ଓଡ଼ିଶାର ସ୍ୱାଭିମାନ ଆଉ ଭାରତର ନାଁ ଅକ୍ଷୁର୍ଣ୍ଣ ରଖିବା ପାଇଁ ମୁଁ ସେବା କରୁଛି । ଯେଉଁ ଓଡ଼ିଆ ସାଧବ ପୁଅମାନେ ବୋଇତ ନେଇ ନୌବାଣିଜ୍ୟ କାରବାର ଆରମ୍ଭ କରିଥିଲେ, ଯେଉଁ ଓଡ଼ିଆ ପୁଅମାନେ କୋଣାର୍କ ମନ୍ଦିର,ପୁରୀ ମନ୍ଦିର ତୋଳିଥିଲେ ସେମାନଙ୍କୁ ହେୟ ମନେ କରୁଛନ୍ତି ବାହାରେ । ସେଥିପାଇଁ ଭାରତର ନାଁ ଆଉ ଓଡ଼ିଶାର ସ୍ୱାଭିମାନକୁ ନେଇ ତିଆରି ହେଇଛି 'ଭାରତ ମସଲା'|" ମୋ କଥା ଶୁଣିଲା ପରେ ମିଟିଂରେ ତାଳି ବାଜିଥିଲା ।

**ବିଜ୍‌ନେସ୍ ବ୍ରେକିଙ୍ଗ୍: 'ଭାରତ ମସଲା' ନାମକରଣର ଟିକେ ଇତିହାସ କୁହନ୍ତୁ ?**

ପ୍ରଥମେ ସାହାରା ସ୍ପାଇସେସ୍ ଆଣ୍ଡ ପ୍ରା. ନାମରେ କମ୍ପାନୀ ଚାଲୁଥିଲା । ୧୯୯୪ ମସିହା ପୂର୍ବରୁ ମୁଁ ଆପଲାଏ କରିଦେଇଥିଲି ଭାରତ ମସଲା ନାଁ । ଏକ ସରକୁଲାର ବାହାରିଲା ଯେ, କୌଣସି ରାଜ୍ୟ ବା ଦେଶ ନାମରେ କମ୍ପାନୀର ନାମକରଣ କରିପାରିବ ନାହିଁ । ସେତେବେଳର ବିଭାଗୀୟ ନିର୍ଦ୍ଦେଶକ ରଞ୍ଜନ ମହାନ୍ତି ମହାଶୟ ମୋତେ ଡାକିଲେ ଆଉ କହିଲେ 'ଭାରତ ମସଲା' ନାମକରଣ ହେଇପାରିବ ନାହିଁ । ମୁଁ ମନକୁ ଦୃଢ କଲି ଆଉ କହିଲି -''ଭାରତ ଫାଉଣ୍ଡର୍ ହେବ, ଭାରତ ଇଂଜିନିୟରିଂ ହେବ, ଭାରତ ପେଟ୍ରୋଲିୟମ୍ ହେବ.. ଆମର କାହିଁକି ହେଇପାରିବ ନାହିଁ ? ତା ଛଡା ୧୯୯୪ରେ ସରକୁଲାର ବାହାରିବା ପୂର୍ବରୁ ଆପଲାଏ କରିଛି ।'' ମୋର ଖୋଲା ହୃଦୟ, ସ୍ପଷ୍ଟବାଦିତା, ଆଉ ବ୍ୟବସାୟ କରିବାର ଦୃଢ ମନୋବୃତ୍ତି ପାଇଁ 'ଭାରତ ମସଲା' ନାମକରଣର ମଞ୍ଜୁରୀ ମିଳିଲା । ପରେ କଲିକତାରୁ 'ଜୟ ଭାରତ ଫାଉଣ୍ଡେସନ'ର ଅନୁମତି ମିଳିଲା ।

**ବିଜ୍‌ନେସ୍ ବ୍ରେକିଙ୍ଗ୍: ମସଲା ପ୍ରସ୍ତୁତ ପାଇଁ ଫରେନ ଟେକ୍ନୋଲୋଜି ବ୍ୟବହାର କରୁଛନ୍ତି, ତେବେ ମୂଳ ସ୍ୱାଦ କ'ଣ ବଡ ବଡ ମେସିନ ଦ୍ୱାରା ମିଳିପାରିବ ?**

ଫରେନ୍ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା କଞ୍ଚା ମାଲ ୪ ଡିଗ୍ରୀ ସେଲସିଅସ୍‌ରେ ଗୁଣ୍ଡ ହୁଏ, ଯାହାଦ୍ୱାରା ସ୍ୱାଦ କମିବାର ପ୍ରଶ୍ନ ଉଠୁନାହିଁ । ଇଟାଲୀର ୪ଟି ମେସିନ୍ ବ୍ୟବହାର ଦ୍ୱାରା ପ୍ରଡକ୍ସନ୍ ଚାଲୁଛି । ଚାଇନାର ଲ୍ୟାଟେଷ୍ଟ୍ ଟେକ୍ନୋଲୋଜି ମେସିନ୍ ବ୍ୟବହାର ଦ୍ୱାରା ଚଳିତ ମାର୍ଚ୍ଚରେ ପ୍ରଡକ୍ସନ୍ ଆରମ୍ଭ ହେବାର ଯୋଜନା ରହିଛି ।

**ବିଜ୍‌ନେସ୍ ବ୍ରେକିଙ୍ଗ୍: ଏକ୍ସପର୍ଟ ଆୱାର୍ଡଠୁ ଆରମ୍ଭ କରି ବେଷ୍ଟ ଇଣ୍ଟରପ୍ରିନିୟର୍ ଆୱାର୍ଡ ପର୍ଯ୍ୟନ୍ତ ଅନେକ ପୁରସ୍କାର ଆପଣଙ୍କୁ ମିଳିଛି । ସମ୍ମାନ ଆପଣଙ୍କୁ ଆଉଟିକେ ଆଗକୁ ନେଇଯାଇଛି କି ?**

ନା..ନା..ମୁଁ ପୁରସ୍କାର ପାଇଁ ଲାଳାୟିତ ନୁହେଁ । କାହିଁକି ନାଁ ଲୁଚିକି ରହିଲେ ଘର ଖୋଜିବେ, ଦେଖେଇହେଲେ ଥରେ ଦେଖିବେ ଆରଥରକୁ ଆଉ ଦେଖିବେନି ନା । ଲୋକେ ତ ବାସ୍ନାରୁ ଜାଣିବେ, ଆଉ କଣ ଆବଶ୍ୟକ ।

**ବିଜ୍‌ନେସ୍ ବ୍ରେକିଙ୍ଗ୍: ଯୁବ ଉଦ୍ୟୋଗୀମାନଙ୍କୁ କଣ ବାର୍ତ୍ତା ରହିବ ?**

ହତୋତ୍ସାହ ନ ହୋଇ ଅନୁଧ୍ୟାନ କରନ୍ତୁ, ଅନୁକରଣ କରନ୍ତୁ ନାହିଁ । ବହୁତ ଝଡ-ଝଂଜାକୁ ସହିବାକୁ ପଡିବ । ଟିକେ ମୁଣ୍ଡ ନୁଆଇଁଲେ ସେ ଚାଲିଯିବ, ମୁଣ୍ଡ ଟେକିଲେ ଟେକାଟିଏ ପଡିବ । Balance sheet maintain କର । ଆୟକୁ ଦେଖି ବ୍ୟୟ କର । ସେବା କର, ଅନେଷ୍ଟି ଛାଡନାହିଁ, ଦେଖିବ ସଫଳତା ନିଶ୍ଚିତ ।

## Mobile to Automobile


# ମାରୁତି ସୁଜୁକି e Vitara ଓଡ଼ିଶାରେ ଲଞ୍ଚ୍

**▸2 battery options (61kWh & 49kWh) ▸Driving range of up to 543 km**




ଇଲେକ୍ଟ୍ରିକ ଯାନ କ୍ଷେତ୍ରରେ ମାରୁତି ସୁଜୁକି ଗ୍ରାହକମାନଙ୍କ ପାଇଁ ଆଣିଦେଇଛି ଏକ ନୂଆ ଉପହାର । eVitara, ବ୍ୟାଟେରୀ ବିକଳ୍ପରେ ଉପଲବ୍ଧ । 61kWh ଏବଂ 49kWh, ଯାହାର ଡ୍ରାଇଭିଂ ରେଞ୍ଜ ରହିଛି ୫୪୩ କିଲୋମିଟର । ବ୍ୟାଟେରୀ ଇଲେକ୍ଟ୍ରିକ୍ ଯାନ (BEV) ଦୁଇଟି ବ୍ୟାଟେରୀ ପ୍ୟାକରେ ଉପଲବ୍ଧ, ଯାହା ପାଇଁ ଅତିରିକ୍ତ ଦେୟ ଦେବାକୁ ପଡିବ । ଦୁଇଟି ବ୍ୟାଟେରୀ ଗୋଟିଏ ଚାର୍ଜରେ ୫୪୩ କିଲୋମିଟର ଯାଏ ଯାତ୍ରା କରିପାରିବ । ଗ୍ରାହକଙ୍କ ମନରେ ଥିବା ରେଞ୍ଜ ଚିନ୍ତାକୁ ଦୂର କରିବା ପାଇଁ ସାରା ଦେଶରେ ଏକ ବିସ୍ତୃତ ଚାର୍ଜିଂ ଭିତ୍ତିଭୂମି ସ୍ଥାପନ କରିଥିବାର କମ୍ପାନୀ ଘୋଷଣା କରିଛି ।

ଏକ ସାମ୍ବାଦିକ ସମ୍ମିଳନୀରେ ତୁଶି ମୋଟର୍ସର ଏମ.ଡି. ପ୍ରୀତି ପଲ୍ଲବୀ ପଟ୍ଟନାୟକ କହିଛନ୍ତି ଯେ, "ଏହା କେବଳ ଏକ ଗାଡି ନୁହେଁ, ଆଗାମୀ ଜେନେରେସନଙ୍କ ପାଇଁ ଏକ ନୂତନ ଚିନ୍ତାଧାରା । ପକେଟକୁ ସୁହାଇଲା ଭଳି ଦାମରେ ଆପଣ eVitaraରେ ସ୍ଥାୟୀତ୍ୱ ତଥା ବିଶେଷତ୍ୱ ପାଇବେ" । ଏହାର ପ୍ରାରମ୍ଭିକ ମୂଲ୍ୟ ୧୦.୯୯ ଲକ୍ଷ ରୁ ୨୦ ଲକ୍ଷ ମଧ୍ୟରେ ରହିଛି । ନିରାପତ୍ତାକୁ ଆଖିଆଗରେ ରଖି ୭ଟି Airbag ରଖାଯାଇଛି । ଡିଜାଇନ୍‌କୁ ଗୁରୁତ୍ୱ ଦିଆଯାଇଛି, ଗାଡି ଚାଳକଙ୍କୁ ସହାୟକ ହେଲା ଭଳି ସମସ୍ତ ଜିନିଷ ରହିଛି



Battery And Motor Specs

| Powertrain | Option A | Option B |
|---|---|---|
| Battery size | 49kWh | 61kWh |
| Configuration | FWD | FWD |
| Power output | 144PS | 174PS |
| Peak torque | 189Nm | 189Nm |

ଏବଂ ସର୍ବଶେଷରେ ଏହାର ଲୁକ୍ ମଧ୍ୟ ଷ୍ଟାଇଲିଶ ରହିଛି । ଗ୍ରାହକମାନଙ୍କ ପାଇଁ ଏକ ବହୁତ ବଢ଼ିଆ ସ୍କିମ୍ ବି ରହିଛି । ଆସନ୍ତୁ, ଏହାକୁ ଦେଖନ୍ତୁ, ପରଖନ୍ତୁ ଆଉ ଆପଣ ଏହାର ଗ୍ରାହକ ହୁଅନ୍ତୁ । "ମାରୁତି ସୁଜୁକି ୪୫ ବର୍ଷ ପୂର୍ବେ ଫେବୃୟାରୀରେ ଭାରତରେ ତାର ଯାତ୍ରା ଆରମ୍ଭ କରିଥିଲା । ପୁଣି ସେହି ଫେବୃୟାରୀ ମାସରେ (EV ସହିତ) ପରିବର୍ତ୍ତନର ଯାତ୍ରା ଆରମ୍ଭ କରୁଛୁ" ବୋଲି ଏକ ସମ୍ମିଳନୀରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡର ସେଲସ୍ ଓ ମାର୍କେଟିଂର ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥୋ ବାନାର୍ଜୀ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି- "ମାରୁତି ସୁଜୁକିର EV ରଣନୀତି ବିକଶିତ କରାଯାଇଛି, ଯାହା ଦ୍ୱାରା ଗ୍ରାହକମାନଙ୍କ ପାଇଁ eVITARA ପ୍ରାଥମିକ EV ପସନ୍ଦ ହୋଇପାରିବ । ଆଜି ଦେଶରେ ସମୁଦାୟ ଯାତ୍ରୀବାହୀ ଯାନ ବାର୍ଷିକ ବିକ୍ରୟର ମାତ୍ର ୪% ରୁ ୫% ଇଲେକ୍ଟ୍ରିକ୍ ଯାନର ପ୍ରବେଶ ହୋଇଛି । ଏବେ eVITARA , ମାର୍କେଟ ପାଇଁ ଘାତକ ସାଜିବାର ସମୟ ଆସିଛି" ।

ସୂଚନା ଥାଉ କି, ବ୍ୟାଟେରୀ ଇଲେକ୍ଟ୍ରିକ୍ ଯାନ (BEV) ହେଉଛି ଏକ ସମ୍ପୂର୍ଣ୍ଣ ବୈଦ୍ୟୁତିକ ଯାନ ଯାହା କେବଳ ବ୍ୟାଟେରୀରେ ସଂଗୃହିତ ଶକ୍ତି ଦ୍ୱାରା ଚାଲିଥାଏ । ଏଥିରେ ପାରମ୍ପରିକ ପେଟ୍ରୋଲ କିମ୍ବା ଡିଜେଲ ଇଞ୍ଜିନ୍ ବ୍ୟବହାର କରାଯାଏ ନାହିଁ । ଏହା ପାରମ୍ପରିକ ଇନ୍ଧନ ପରିବର୍ତ୍ତେ କେବଳ ଲିଥିୟମ-ଆୟନ ବ୍ୟାଟେରୀ ଏବଂ ଇଲେକ୍ଟ୍ରିକ୍ ମୋଟର ଦ୍ୱାରା ଚାଳିତ ଗାଡି । ଏଗୁଡ଼ିକ ଶୂନ୍ୟ ନିର୍ଗମନ (zero emission) କରନ୍ତି, ଯାହା ପରିବେଶ ପାଇଁ ଲାଭଦାୟକ । ଏଥିରେ ଇ-ସ୍କୁଟର, ଇ-ବାଇକ୍, ଇ-ରିକ୍ସା, ଏବଂ ଇ-କାର୍ ଅନ୍ତର୍ଭୁକ୍ତ, ଯାହା ଶକ୍ତିଶାଳୀ ବ୍ୟାଟେରୀ ପ୍ୟାକ୍ ସହିତ ଆସେ ।




# ପିଲା ହଜିଲେ ବି ଖୋଜିଦେବ Apple AirTag 2



ଆଜିକାଲିକା ପିଲା ଜନ୍ମରୁ ସ୍ମାର୍ଟ ଆଉ ଇଣ୍ଟେଲିଜେଣ୍ଟ୍ । ପିତାମାତା ତାଙ୍କ ପିଲାମାନଙ୍କ ପାଇଁ ସବୁବେଳେ ଚିନ୍ତିତ । ପିଲା ଯେତେ ଆକ୍ଟିଭ ଥିଲେ ବି ଅନେକ ସମୟରେ ଅଘଟଣ ଦେଖିବାକୁ ମିଳୁଛି । ପିଲାଙ୍କୁ ବାପା ମା ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଏକ ଅଭିନୟ ଉପାୟ ଚିନ୍ତା ସହ ଗ୍ୟାଜେଟ ତିଆରି ହୋଇଛି, ଯେଉଁଥିରୁ ପିଲା କୁଆଡେ ଯାଉଛି, କଣ କରୁଛି, କେଉଁଠି କେତେ ସମୟ ବିତାଉଛି ତାର ଟ୍ରାକିଙ୍ଗ କରିପାରିବେ ବାପା-ମା । ଆପଲ୍ ଏକ ନୂଆ ଏୟାରଟ୍ୟାଗ୍ ଉନ୍ମୋଚନ କରିଛି । ଏହା ଏକ ଅତ୍ୟାବଶ୍ୟକ ଜିନିଷ, ଯେଉଁଥିରେ ଜଣେ Apple Find my Aap ବ୍ୟବହାର କରି ନିଜର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଜିନିଷଗୁଡ଼ିକୁ ଟ୍ରାକ୍ ରଖିବା ସହ ଖୋଜିବାରେ ସାହାଯ୍ୟ କରିଥାଏ । ଯେଉଁ ବ୍ୟକ୍ତି ଲଗାତାର ଚାବି, ବ୍ୟାଗ କିମ୍ବା ବ୍ୟାକପ୍ୟାକ ହଜାଇ ଦେଉଥାନ୍ତି, ସେମାନଙ୍କୁ Appleର ଏୟାରଟ୍ୟାଗ୍ ଅନେକ ସମୟରେ ଖୋଜି ଆଣି ଦେଇଛି ଅର୍ଥାତ୍ ମିଳିଯାଇଛି । ଆପଲ ଏୟାରଟ୍ୟାଗ୍ ଲଞ୍ଚ୍ ହେବାର ପ୍ରାୟ ପାଞ୍ଚ ବର୍ଷ ପରେ ଲୋକଙ୍କ ଚାହିଦା ବୃଦ୍ଧି ଦେଖି ଏବେ ନୂଆ ପିଢ଼ିଙ୍କ ପାଇଁ ଆସିଯାଇଛି Apple AirTag 2 ।




### ଡିଜାଇନ୍ ଏବଂ ଉପଯୋଗିତା:

AirTag 2 ସମ୍ପୂର୍ଣ୍ଣ AirTag1 ପରି ଦେଖାଯାଉଛି, କିଛି ପରିବର୍ତ୍ତନ ହୋଇନାହିଁ । ସମାନ ଆକାର, ସମାନ ଗୋଲ ଆକୃତି, ସମାନ ପରିବର୍ତ୍ତନଯୋଗ୍ୟ CR2032 ବ୍ୟାଟେରୀ ଯାହା Apple ଦାବି କରୁଛି ଯେ ଏହା ଗୋଟିଏ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିବ । ଅର୍ଥାତ ପୂର୍ବରୁ ଥିବା AirTag ଆସେସୋରିଜ୍, ହୋଲ୍ଡର୍ ଏବଂ କି ଚେନ ଏବେ ବି କାମ କରିବ ।

### Apple AirTag 2 ର ମୂଲ୍ୟ:

ଭାରତରେ ଗୋଟିଏ Apple AirTag 2ର ମୂଲ୍ୟ ୩,୭୯୦ ଟଙ୍କା । ଏହା Apple Retail Store ଏବଂ ୱେବସାଇଟ୍‌ରୁ ମଧ୍ୟ କିଣିପାରିବେ । ୨୦୨୧ରେ ଏୟାରଟ୍ୟାଗ୍ ଲଞ୍ଚ୍ ହେବା ପରଠାରୁ, ସାରା ବିଶ୍ୱର ବ୍ୟବହାରକାରୀମାନେ ହଜିଯାଇଥିବା ଲଗେଜ୍, ଚାବି, ସାଇକେଲ, ବ୍ୟାଗ୍ ଏବଂ ଅନ୍ୟାନ୍ୟ ଜିନିଷ ଫେରିପାଇବାର କାହାଣୀ ସେୟାର କରିଛନ୍ତି । ଚାବି ଭଳି ଦେଖାଯାଉଥିବା ଏହି ଛୋଟ ଯନ୍ତ୍ର କେସ୍ ଭିତରେ ରଖାଯାଇଥିବା ଏୟାରଟ୍ୟାଗ୍ ସାହାଯ୍ୟରେ, ଜଣେ ସଂଗୀତଜ୍ଞ ସେମାନଙ୍କର ହଜିଯାଇଥିବା ଯନ୍ତ୍ରକୁ ଖୋଜି ପାଇପାରିଲେ ଏବଂ ସେହି ସନ୍ଧ୍ୟାରେ ତାଙ୍କ ସୋ' କରିପାରିଲେ । ଅନ୍ୟ ଜଣେ ବ୍ୟବହାରକାରୀ ହଜିଯାଇଥିବା ଲଗେଜ୍ ଖୋଜି ପାଇଲେ ଯେଉଁଥିରେ ତାଙ୍କର ଜୀବନ ରକ୍ଷାକାରୀ ଔଷଧ ଥିଲା । ଏୟାରଟ୍ୟାଗ୍ ବିଶେଷ ଭାବରେ ବସ୍ତୁଗୁଡ଼ିକୁ ଶୀଘ୍ର ଓ ସହଜ ଟ୍ରାକ୍ କରିବା ପାଇଁ ଡିଜାଇନ୍ କରାଯାଇଛି ।

## AI to Hi-Tech

# ଯୁଦ୍ଧନୀତିରୁ ଅର୍ଥନୀତି: AI ହିଁ ଭବିଷ୍ୟତ ଇଣ୍ଡିଆ

## ଇଣ୍ଡିଆ AI ଇମ୍ପାକ୍ଟ ସମ୍ମିଳନୀରେ ଆମେରିକା, ଚାଇନା ସହ ତାଳ ଦେଲା ଭାରତ




ଯାହା ଏବେ ଆମପାଇଁ most advanced, ଖୁବ ଶୀଘ୍ର ତାହା ହୋଇଯିବ ଅକାମୀ, ଯେଉଁମାନେ ଏବେ most talented, ଆଗାମୀ ଦିନରେ ସେମାନେ ହୋଇଯିବେ ବେକାର ଏବେର ମୋବାଇଲ ଟେକ୍ନୋଲୋଜି ଠାରୁ ଆରମ୍ଭ କରି ଯୁଦ୍ଧାସ୍ତ୍ର ପର୍ଯ୍ୟନ୍ତ ସବୁକୁ ନିୟନ୍ତ୍ରଣ କରିବ କୃତ୍ରିମ ବୁଦ୍ଧିମତ୍ତା ବା AI: ଯୁଦ୍ଧନୀତି ଠାରୁ ଆରମ୍ଭ କରି ଅର୍ଥନୀତି, ସବୁ କ୍ଷେତ୍ରରେ ରାଜ୍ କରିବ ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ଶିକ୍ଷା, କୃଷି, ଶାସନ ଏବଂ ଉଦ୍ୟୋଗ କ୍ଷେତ୍ରରେ ରୂପାନ୍ତର ହୋଇଛି । କୌଶଳ ବିକାଶ ଠାରୁ ଡାଟା ସେଣ୍ଟର୍, କ୍ଲାଉଡ୍ ଏବଂ ସେମିକଣ୍ଡକ୍ଟର୍ ଉତ୍ପାଦନରେ ହୋଇଛି ଅଭୂତପୂର୍ବ ପରିବର୍ତ୍ତନ । ଏହା ସବୁ ସମ୍ଭବ ହୋଇଛି କୃତ୍ରିମ ବୁଦ୍ଧିମତ୍ତା ବା AI ଯୋଗୁଁ । କାରଣ AI ହିଁ ପ୍ରତ୍ୟେକ କ୍ଷେତ୍ରରେ ନବସୃଜନ ଓ ମାନବ ଜାତିର ଭବିଷ୍ୟତ । ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଛି ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ-୨୦୨୬ । ଟେକ୍ନୋଲୋଜିର ଏହି ମହାକୁମ୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଓ ସ୍ୱିଡ଼େନର ଉପ ପ୍ରଧାନମନ୍ତ୍ରୀ ଏବା ବ୍ରସ୍ଟଙ୍କ ସହ ବିଶ୍ୱର ବହୁ ରାଜନେତା, ବିଖ୍ୟାତ ଟେକ୍ନୋକ୍ରାଟ, ଶିଳ୍ପଜଗତର ମୁଖ୍ୟ, ଉଦ୍ଭାବକ, ନୀତି ନିର୍ମାତା, ଗବେଷକ ଏବଂ ପ୍ରଯୁକ୍ତିପ୍ରେମୀମାନେ ଯୋଗ ଦେଇଛନ୍ତି । ସମ୍ମିଳନୀର ମୁଖ୍ୟ ବିଷୟ ରହିଛି 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ବା ସମସ୍ତଙ୍କ ପାଇଁ ସୁଖ ଏବଂ ସମସ୍ତଙ୍କ ପାଇଁ ଖୁସି। ମାନବକୈନ୍ଦ୍ରିକ ପ୍ରଗତି ପାଇଁ AIକୁ ବ୍ୟବହାର ପାଇଁ ଆମର ମିଳିତ ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ସମ୍ମିଳନୀର ଫଳାଫଳ ଭବିଷ୍ୟତକୁ ନୂଆ ଦିଶା ଦେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ ଏଆଇ କ୍ଷେତ୍ରରେ ଆଗରେ ଥିବାରୁ ସେ ଦେଶର ୧୪୦ କୋଟି ଲୋକଙ୍କୁ ଏଥିପାଇଁ ଧନ୍ୟବାଦ ଜଣାଇଛନ୍ତି। ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର୍ ଠାରୁ ଆରମ୍ଭ କରି ଚଳଚଞ୍ଚଳ ଷ୍ଟାର୍ଟଅପ୍ ପରିବେଶ ଏବଂ ନୂଆ ଗବେଷଣା ଆଦି ଏଆଇ କ୍ଷେତ୍ରରେ ଆମର ଅଭିଳାଷ ଓ ଦାୟିତ୍ୱକୁ ପ୍ରତିଫଳିତ କରୁଛି । ଆମେ ପ୍ରତ୍ୟେକ ଗ୍ରାମ, ଜିଲ୍ଲା ଏବଂ ପ୍ରତ୍ୟେକ ନାଗରିକଙ୍କୁ ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଆର୍ଥିକ ସୁଯୋଗ ପ୍ରଦାନ କରିବା ପାଇଁ ଏହାକୁ ଏକ ଦକ୍ଷ ଉପକରଣ ରୂପେ ଉପଯୋଗ କରୁଛୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅର୍ଥନୈତିକ ଭାବରେ, ଆଇଟି କ୍ଷେତ୍ର ୨୦୩୦ ସୁଦ୍ଧା ୪୦୦ ବିଲିୟନ୍ ଡଲାରରେ ପହଞ୍ଚିବ। ଷ୍ଟାର୍ଟଅପ୍‌ଗୁଡ଼ିକ ବିଶାଳ ସ୍ଥିତିରେ ପହଞ୍ଚିବା ସହ ଲକ୍ଷାଧିକ ଉଚ୍ଚଗୁଣବତ୍ତା ଚାକିରି ସୃଷ୍ଟି କରିବ। ଏହି ଦୃଶ୍ୟପଟରେ ଭାରତ ଶୀର୍ଷ ତିନି ଏଆଇ ମହାଶକ୍ତି ମଧ୍ୟରେ ରହିବ ବୋଲି ପ୍ରଧାନମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। କିନ୍ତୁ ଭାରତ ପାଇଁ ଗଭୀର ଚିନ୍ତାର ବିଷୟ ଯେ ଆମେରିକା ଓ ଚାଇନା AI ରେ ଯଥେଷ୍ଟ ଆଗରେ ରହି ବିପୁଳ ନିବେଶ ସହିତ ନୂଆ ନୂଆ ଉଦ୍ଭାବନ କରିଚାଲିଛନ୍ତି । ଆମେରିକା ଏହି କ୍ଷେତ୍ରରେ ୪୭୧ ବିଲିୟନ ଡଲାର ଘରୋଇ ନିବେଶ କରିଥିବାବେଳେ ଚାଇନା ୧୧୯ ବିଲିୟନ ଡଲାର କରିଛି । କିନ୍ତୁ ଭାରତ କେବଳ ୧୧ ବିଲିୟନ ଡଲାର ଘରୋଇ ନିବେଶ କରିପାରିଛି । ତେଣୁ ଭାରତ ନିବେଶ ଓ ଉଦ୍ଭାବନକୁ ଗତି ଦେଲେ ହିଁ AI ମହାଶକ୍ତି ପାଇଁ ରେସରେ ସାମିଲ ହୋଇପାରିବ ।

Biz Zones

## WEST ODISHA STORY

### ବେଦାନ୍ତ ଆଲୁମିନିୟମ ସ୍ମେଲଟର ଦକ୍ଷତା ବୃଦ୍ଧି ପାଇଁ ଅଭିନବ କୁଲିଂ ସିଷ୍ଟମ

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ଏହାର ମେଗା ଆଲୁମିନିୟମ ପ୍ଲାଂଟରେ ଏକ ଅତ୍ୟାଧୁନିକ କୁଲିଂ ସିଷ୍ଟମ, ଫୋରସ୍ଡ କୁଲିଂ ନେଟୱାର୍କକୁ ନିୟୋଜିତ କରିଛି। ବିକଶିତ ଏହି ନବସୃଜନ ଆଲୁମିନିୟମ ହ୍ରାସ କୋଷରେ ତାପଜ ପରିଚାଳନାକୁ ବୃଦ୍ଧି କରିବା ପାଇଁ ଉନ୍ନତ ୩ଡି କମ୍ପ୍ୟୁଟେସନାଲ୍ ଫ୍ଲୁଇଡ୍ ଡାଇନାମିକ୍ସ (CFD) ମଡେଲିଂ ବ୍ୟବହାର କରିଛି। ଶକ୍ତି ମନ୍ତ୍ରଣାଳୟର ଶକ୍ତି ଦକ୍ଷତା ବ୍ୟୁରୋ ଦ୍ୱାରା ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାର ୨୦୨୫ ରେ ଏଫସିଏନ ପ୍ରଯୁକ୍ତିବିଦ୍ୟାକୁ ପ୍ରମାଣପତ୍ର ସହିତ ସ୍ୱୀକୃତି ଦିଆଯାଇଛି। ସିଏଫଡି ବାୟୁ ପ୍ରବାହ, ଚାପ ଏବଂ ତାପମାତ୍ରା ଭଳି ତରଳ ଆଚରଣକୁ ଅନୁକରଣ କରିବା ପାଇଁ ସଂଖ୍ୟାତ୍ମକ ଆଲଗୋରିଦମ ବ୍ୟବହାର କରେ, ଯାହାକି ଇଞ୍ଜିନିୟରମାନଙ୍କୁ କେବଳ ଭୌତିକ ପରୀକ୍ଷଣ ଉପରେ ନିର୍ଭର ନ କରି ସିଷ୍ଟମ କାର୍ଯ୍ୟଦକ୍ଷତାକୁ ସର୍ବୋତ୍ତମ କରିବାକୁ ଅନୁମତି ଦେଇଥାଏ। ଆଲୁମିନିୟମ ସ୍ମେଲ୍ଟିଂରେ, ସାଇଡ୍ୱାଲ୍ ଅଧିକ ଗରମ ରୋକିବା, ସୁରକ୍ଷା ସ୍ତର ବଜାୟ ରଖିବା, ଶକ୍ତି କ୍ଷତି ହ୍ରାସ କରିବା ଏବଂ ସ୍ଥିର, ଦକ୍ଷ ପାତ୍ର କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଏହି



ସଠିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଠିକ ସାଇଡ୍ୱାଲ୍ ତାପମାତ୍ରା ନିୟନ୍ତ୍ରଣ ସୁନିଶ୍ଚିତ କରି, ଏଫସିଏନ ସ୍ଥିର ଉଚ୍ଚ-ଆମ୍ପେରେଜ୍ କାର୍ଯ୍ୟ, ଉନ୍ନତ ତାପଜ ସନ୍ତୁଳନ ଏବଂ ବର୍ଦ୍ଧିତ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ସକ୍ଷମ କରେ। ଏହା ପୂର୍ବରୁ ପ୍ରତି ଟନ୍ ଉତ୍ପାଦିତ ଆଲୁମିନିୟମର ୧୫.୩ କିଲୋୱାଟ ଶକ୍ତି ସଂଚୟ ସମେତ ମାପଯୋଗ୍ୟ ଲାଭ ପ୍ରଦାନ କରିସାରିଛି। ଶକ୍ତିଦକ୍ଷ, ସ୍ଥାୟୀ କାର୍ଯ୍ୟକୁ ଆଗକୁ ବଢ଼ାଇବାରେ ଏହାର ଅବଦାନ ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାରରେ ଏହାର ସ୍ୱୀକୃତି ଆଣିଛି।

### ପୃଥକ 'ସିଟି ଇକୋନୋମିକ ରିଜିୟନ' ବିକଶିତ କରିବାକୁ ପରାମର୍ଶ

ରାଜ୍ୟର ସନ୍ତୁଳିତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ଦିଗରେ ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ କ୍ଲଷ୍ଟର ଏବଂ ଅନୁଗୋଳ-ଢେଙ୍କାନାଳ କ୍ଲଷ୍ଟରକୁ ଦୁଇଟି ପୃଥକ 'ସିଟି ଇକୋନୋମିକ ରିଜିୟନ' ଭାବରେ ବିକଶିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କ୍ଷେତ୍ର (BCPPER) ମଡେଲରେ ଏହି ଇକୋନୋମିକ ରିଜିୟନ ଗଠନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି । ଶ୍ରୀ ପ୍ରଧାନ ପ୍ରଥମତଃ ଦର୍ଶାଇଛନ୍ତି ଯେ, ସମ୍ବଲପୁର-ସୁନ୍ଦରଗଡ଼-ଝାରସୁଗୁଡ଼ା-ବରଗଡ଼ ଅଞ୍ଚଳରେ ପ୍ରଚୁର ଖଣିଜ ସମ୍ପଦ, ଶିଳ୍ପ ଭିତ୍ତିଭୂମି ରହିଛି । ଏହି କ୍ଲଷ୍ଟରରେ ଇସ୍ପାତ, ଆଲୁମିନିୟମ, କୋଇଲା ଏବଂ ଶକ୍ତି ଭଳି ବୃହତ ଶିଳ୍ପ ସହିତ କୃଷିଭିତ୍ତିକ ଶିଳ୍ପ ଏବଂ ସମ୍ବଲପୁରୀ ହସ୍ତତନ୍ତର ସୁଦୃଢ଼ ଭିତ୍ତିଭୂମି ରହିଛି, ଯାହା ଆଗାମୀ ଦିନରେ ନୂତନ ନିଯୁକ୍ତି ଏବଂ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ଅନେକ ସୁଯୋଗ ଆଣିଦେବ । ଦ୍ୱିତୀୟତଃ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି, ଅନୁଗୋଳ-ଢେଙ୍କାନାଳ ରିଜିୟନ କେବଳ ଓଡ଼ିଶା ପାଇଁ ନୁହେଁ, ବରଂ ସାରା ଭାରତର ଆର୍ଥିକ ପ୍ରଗତି ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଠାରେ ପ୍ରଚୁର ପରିମାଣରେ କୋଇଲା, କ୍ରୋମାଇଟ୍ ଏବଂ ଲୁହା ପଥର ମିଳୁଥିବାରୁ ଏହା ଭାରୀ ଶିଳ୍ପ, ନୂତନ କାରଖାନା ଏବଂ ସୌର ଶକ୍ତି ଭଳି ଅକ୍ଷୟ ଶକ୍ତି ଉତ୍ପାଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ । ଅନୁଗୋଳରେ ଥିବା ନାଲକୋ, ଏନଟିପିସି କଣିହାଁ, ତାଳଚେରର ତାପଜ ବିଦ୍ୟୁତ କେନ୍ଦ୍ର ଏବଂ ମହାନଦୀ କୋଲଫିଲ୍ଡସ (MCL) ରାଜ୍ୟକୁ ବିଦ୍ୟୁତ୍ ଓ ଶକ୍ତି ଯୋଗାଇବାରେ ମେରୁଦଣ୍ଡ ସାଜିଛନ୍ତି ।



### NIT ଷ୍ଟାର୍ଟଅପ୍ ର ଚମତ୍କାର: କମାଇବ ଦୁର୍ଘଟଣାରେ ଆହତଙ୍କ ଦ୍ରୁତ ରକ୍ତସ୍ରାବ


କୌଣସି ଦୁର୍ଘଟଣା କି କିଛି ଅଘଟଣ ହେଲେ ଆହତ ଓ ଗୁରୁତରଙ୍କ ବହୁ ରକ୍ତ ବାହାରିଯାଇଥାଏ । ଅଧିକ ରକ୍ତ ବୋହିବା ଯୋଗୁ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଜୀବନ ଚାଲିଯିବାର ନଜିର ରହିଛି । ଆହତଙ୍କ ରକ୍ତସ୍ରାବକୁ ହ୍ରାସ କରିବା ଲକ୍ଷ୍ୟ ନେଇ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (NIT) ରାଉରକେଲାର ଗବେଷକ ଓ ପ୍ରଫେସରମାନେ ନୂତନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ 'ଷ୍ଟପବ୍ଲିଡ୍' ଉପରେ ପରୀକ୍ଷଣ କରି ଏକ ପେଟେଣ୍ଟ ବାହାର କରିଛନ୍ତି । ଏହାର ନାମ ଷ୍ଟାର୍ଟଅପ୍ ମିରାକଲ୍ସ। ଏଥିରେ ସହଯୋଗ କରିଛି ମେଡ୍ ସଲ୍ୟୁସନ ପ୍ରାଇଭେଟ ଲିମିଟେଡ୍ । ଏହି ପେଟେଣ୍ଟ ପ୍ରଯୁକ୍ତିବିଦ୍ୟା, ଏକ ଦ୍ରୁତ ନାନୋ-ବାୟୋପଲିମରର ବାଣିଜ୍ୟିକ ଉତ୍ପାଦନ ଏବଂ କ୍ଲିନିକାଲ୍ ନିୟୋଜନ ପାଇଁ ନିୟାମକ ଅନୁମୋଦନ ପାଇଛି । ଏନ୍ଆଇଟିରେ ବିକଶିତ ପ୍ରଯୁକ୍ତିବିଦ୍ୟା, ଷ୍ଟପ ବ୍ଲିଡ୍, କେନ୍ଦ୍ରୀୟ ଡ୍ରଗ୍ସ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ ଅର୍ଗାନାଇଜେସନଠାରୁ ଏକ କ୍ଲାସ ସି ମେଡିକାଲ୍ ଡିଭାଇସ୍ ଭାବରେ ଅନୁମାଦନ ପାଇଛି । ଏହା ଜରୁରିକାଳୀନ ପ୍ରାଥମିକ ଚିକିତ୍ସା ପରିସ୍ଥିତି ଭଳି ଆଘାତ ପରିସ୍ଥିତିରେ ବ୍ୟବହାର କରିବା ପାଇଁ ଡିଜାଇନ୍ କରାଯାଇଛି । ତିନି ବର୍ଷର ସେଲଫ୍ ଲାଇଫ୍ ସହିତ, ଏହାକୁ ଡାକ୍ତର ଏବଂ ଅଣ-ଡାକ୍ତରୀ କର୍ମଚାରୀଙ୍କ ଦ୍ୱାରା ସହଜରେ ବ୍ୟବହାର କରାଯାଇପାରିବ । ନାନୋଫାଇବର୍ସ ଏଗ୍ରିଗେଟ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିକଶିତ, ଏହି ଉତ୍ପାଦ ରକ୍ତକୋଷକୁ ଏକ ଉଚ୍ଚ-ପୃଷ୍ଠ-କ୍ଷେତ୍ର ତନ୍ତୁମୟ ଜାଲରେ ଫସାଇ ରଖିବା ସହିତ ରକ୍ତ ପ୍ଲାଜମାକୁ ଦ୍ରୁତ ଗତିରେ ଶୋଷଣ କରେ । ଏହା ଶରୀରର ପ୍ରାକୃତିକ ଜମାଟ ବାନ୍ଧିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରି କ୍ଷତରେ ଏକ ଦୃଢ଼ ହାଇଡ୍ରୋଜେଲ୍ ସିଲ୍ ଗଠନ କରେ । ପ୍ରଫେସର ଦେବେନ୍ଦ୍ର ବର୍ମା ଏବଂ ତାଙ୍କ ଗବେଷଣା ସ୍ନାତକ, ସବିର ହୁସେନଙ୍କ ଦ୍ୱାରା ବାୟୋଟେକ୍ନୋଲୋଜି ଏବଂ ମେଡିକାଲ୍ ଇଞ୍ଜିନିୟରିଂ ବିଭାଗରେ ପେଟେଣ୍ଟ ବିକଶିତ କରାଯାଇଥିଲା । ପରେ ପ୍ରଯୁକ୍ତିବିଦ୍ୟାକୁ ଶ୍ରୀ ହୁସେନଙ୍କ ନେତୃତ୍ୱରେ ଷ୍ଟାର୍ଟଅପ୍ ମିରାକଲ୍ସ ମେଡସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡକୁ ଉତ୍ପାଦନ, ବଣ୍ଟନ ଏବଂ କ୍ଷେତ୍ର ନିୟୋଜନ ପାଇଁ ସ୍ଥାନାନ୍ତର କରାଯାଇଥିଲା । ଏହି ସଫଳତା ନେଇ ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଛନ୍ତି, ଏହି ଉତ୍ପାଦରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ମଜଭୁତ କରିବାର ସମ୍ଭାବନା ରହିଛି ।

## SOUTH SIDE ODISHA

### ଦକ୍ଷିଣ ଓଡ଼ିଶାର ଦୁର୍ଗମ ଆଦିବାସୀ ସମ୍ପ୍ରଦାୟଙ୍କ ଘରକୁ ଆଲୋକିତ କରୁଛି ଟାଟା ପାୱାର

ଟାଟା ପାୱାର କମ୍ପାନୀ ଲିମିଟେଡର 51% ମିଳିତ ଉଦ୍ୟୋଗ TPSODL କହିଛି ଯେ ଏହା ଦକ୍ଷିଣ ଓଡ଼ିଶାର ପାଞ୍ଚଟି ଜିଲ୍ଲାରେ ବିଶେଷ ଭାବରେ ଅନୁନ୍ନତ ଜନଜାତି ଗୋଷ୍ଠୀ (PVTG) ସମ୍ପ୍ରଦାୟକୁ ସଂଯୋଗ କରୁଥିବା କିଛି ଦୁର୍ଗମ ଆଦିବାସୀ ଅଞ୍ଚଳକୁ ବିଦ୍ୟୁତ୍ ସଂଯୋଗ ପ୍ରଦାନ କରିଛି। ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ ଏବଂ କନ୍ଧମାଳ ଜିଲ୍ଲାରେ ୨,୨୮୮ ପରିବାରକୁ ନେଇ ମୋଟ ୨୭୪ PVTG ବାସସ୍ଥାନକୁ ବର୍ତ୍ତମାନ ବିଦ୍ୟୁତକରଣ କରାଯାଇଛି। ଅତ୍ୟନ୍ତ ଦୁର୍ଗମ ସ୍ଥାନରେ ଯେଉଁଠାରେ ପାରମ୍ପରିକ ଗ୍ରୀଡ୍ ସଂଯୋଗୀକରଣ କଷ୍ଟକର ସ୍ଥାନ ଏବଂ ଦୁର୍ଗମତା ଯୋଗୁଁ ସମ୍ଭବ ନଥିଲା, ୩୩୧ ପରିବାର ବିଶିଷ୍ଟ ୧୭ ଟି ବସତିକୁ ବିକେନ୍ଦ୍ରୀକୃତ ସୌର ପ୍ରଣାଳୀ ମାଧ୍ୟମରେ ବିଦ୍ୟୁତ୍ ଯୋଗାଇ ଦିଆଯାଇଛି । ଓଡ଼ିଶାରେ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୧୩ ଟି ସମ୍ପ୍ରଦାୟ ସହିତ ସର୍ବାଧିକ PVTG ଅଛନ୍ତି । ଦକ୍ଷିଣ ଓଡ଼ିଶାରେ ଏହି ଗୋଷ୍ଠୀଗୁଡ଼ିକ ମଧ୍ୟରୁ ଅନେକ ଯେପରିକି ବଣ୍ଡା, ଦିଦାୟୀ, ଲାଞ୍ଜିଆ ସାଓରା, ଡଙ୍ଗରିଆ କନ୍ଧ ଏବଂ କୁଟିଆ କନ୍ଧ, ଯେଉଁମାନେ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳରେ ବାସ କରନ୍ତି ଏବଂ ଐତିହାସିକ ଭାବରେ ମୌଳିକ ସେବାର ସୀମିତ ପ୍ରବେଶ ପାଇଥାନ୍ତି । କମ୍ପାନୀ ଅନୁଯାୟୀ ରାୟଗଡା ଜିଲ୍ଲାରେ ୧୩୪ଟି ବସତିକୁ ବିଦ୍ୟୁତକରଣ କରାଯାଇଛି, ଯାହା ୧,୨୭୩ ପରିବାରକୁ ଅନ୍ତର୍ଭୁକ୍ତ କରେ । ସେହିପରି ଗଜପତି ଜିଲ୍ଲାରେ ୫୮ଟି ବସତିକୁ ବିଦ୍ୟୁତକରଣ କରାଯାଇଛି, ଯାହା ୩ଟି ସୌରଶକ୍ତି ଦ୍ୱାରା ପରିଚାଳିତ ୩୫୧ ପରିବାରକୁ ଅନ୍ତର୍ଭୁକ୍ତ କରେ । ମାଲକାନଗିରିରେ ୩୧ଟି ବସତିକୁ ବିଦ୍ୟୁତକରଣ କରାଯାଇଛି, ଯାହା ୨୩୨ ପରିବାରକୁ ଅନ୍ତର୍ଭୁକ୍ତ କରେ । ସେହିପରି କନ୍ଧମାଳ ଜିଲ୍ଲାରେ ୨୮ଟି ବସତିକୁ ବିଦ୍ୟୁତକରଣ କରାଯାଇଛି, ଯାହା ୨୫୬ ପରିବାରକୁ ସୌରଶକ୍ତି ଦ୍ୱାରା ବିଦ୍ୟୁତ୍ ପ୍ରଦାନ କରେ । ଗଞ୍ଜାମ ଜିଲ୍ଲାରେ ୨୩ଟି ବସତିକୁ ବିଦ୍ୟୁତକରଣ କରାଯାଇଛି, ଯାହା ୧୭୬ ପରିବାରକୁ ଅନ୍ତର୍ଭୁକ୍ତ କରେ । ଯେଉଁ ଅଞ୍ଚଳରେ ଗ୍ରୀଡ୍ ସମ୍ପ୍ରସାରଣ ବୈଷୟିକ ଭାବରେ ସମ୍ଭବ ନଥିଲା ସେଠାରେ ସୌର ମାଇକ୍ରୋ-ସିଷ୍ଟମ ନିୟୋଜିତ କରାଯାଇଥିଲା। TPSODL ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "PVTG ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ବିସ୍ତାର କରିବା ଏକ ବୈଷୟିକ ଚ୍ୟାଲେଞ୍ଜ ଏବଂ ଏକ ସାମାଜିକ ଦାୟିତ୍ୱ ହୋଇଛି। ଏହି ବାସସ୍ଥାନଗୁଡ଼ିକ ମଧ୍ୟରୁ ଅନେକ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ଯେଉଁଠିକୁ ଯିବା ମଧ୍ୟ କଷ୍ଟକର।"

### 238 villages in Odisha's Koraput, Rayagada remain without mobile connectivity




The Central Government has informed the Lok Sabha that 238 villages in Odisha's tribal-dominated Koraput and Rayagada districts still lack mobile network connectivity. In Koraput, 89 villages out of 2,047 are without coverage, while in Rayagada, 149 villages out of 2,671 are affected. The government attributes delays in tower execution to challenges like lack of road access, land allotment issues, and forest clearances. The affected villages are mainly in remote areas, including Bandhugaon, Dasamantapur and Nandapur in Koraput, and Bissamcuttack, Kashipur and Gunupur in Rayagada. Residents face significant difficulties, often climbing hills or trees to access weak signals or relying on neighbouring Andhra Pradesh networks. The government has taken punitive action against implementing agencies for delays and aims to complete tower installations by June 2026. However, concerns remain about the rollout of 5G services, with the government citing techno-commercial considerations. Officials have indicated that the existing infrastructure has not yet ensured full connectivity in several villages, where either signals remain weak or mobile services are completely unavailable.

## FINDING NORTH ODISHA




### ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଭୁବନେଶ୍ୱର ଓ ବାରିପଦା ମଧ୍ୟରେ "ହେଲି-ଟ୍ୟାକ୍ସି" ସେବା


ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ପାଇଁ ଖୁସି ଖବର। ରାଜଧାନୀ ଭୁବନେଶ୍ୱର ଓ ବାରିପଦା ମଧ୍ୟରେ "ହେଲି-ଟ୍ୟାକ୍ସି" ସେବା ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ଏନେଇ ହେଲିକପ୍ଟର୍‌ର ପରୀକ୍ଷାମୂଳକ ଅବତରଣ (ଟ୍ରାଏଲ୍ ଲ୍ୟାଣ୍ଡିଂ) ବାରିପଦା ପୁଲିସ ପଡ଼ିଆ ହେଲିପ୍ୟାଡ୍‌ରେ ସଫଳତାର ସହ ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ପବନହଂସ ଲିମିଟେଡ୍ (PHL) ମଧ୍ୟରେ ବୁଝାମଣା କ୍ରମେ ଯାତ୍ରୀଙ୍କୁ ଏହି ସେବା ମିଳିବ । ଏଥିପାଇଁ 'ବେଲ୍ ୨୦୬ ଭିଟି ପିଏଚ୍‌ଇ' ସିଙ୍ଗଲ୍ ଇଞ୍ଜିନ୍ ବିଶିଷ୍ଟ ହେଲିକପ୍ଟର୍ ବ୍ୟବହାର ହେବ। ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଯାତ୍ରୀମାନେ ହେଲି ଟ୍ୟାକ୍ସି ସେବା ପାଇପାରିବେ ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ହିମାଂଶୁ ମହାନ୍ତି ସୂଚନା ଦେଇଛନ୍ତି। ହେଲି ଟ୍ୟାକ୍ସି ସେବା ଦ୍ୱାରା ଭୁବନେଶ୍ୱରରୁ ବାରିପଦା ଯାତ୍ରା ଲୋକଙ୍କ ପାଇଁ ଅତ୍ୟନ୍ତ ସହଜ ଏବଂ ଅଳ୍ପ ସମୟ ମଧ୍ୟରେ ହୋଇପାରିବ। ଏହା ଦ୍ୱାରା ଜିଲ୍ଲାରେ ପର୍ଯ୍ୟଟନ ବିକାଶ ସହ ଜରୁରିକାଳୀନ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ ହେବ। ଶିମିଳିପାଳ ସମେତ ଜିଲ୍ଲାର ଅନ୍ୟ ପର୍ଯ୍ୟଟନସ୍ଥଳକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ।

**Growth Central**

# ଓଡ଼ିଶାରେ ୨ ବର୍ଷରେ ୬୮୦ ନୂଆ ଷ୍ଟାର୍ଟଅପ୍




ରାଜ୍ୟରେ ଦୁଇ ବର୍ଷ ମଧ୍ୟରେ ୬୮୦ଟି ନୂଆ ଷ୍ଟାର୍ଟଅପ୍ ସ୍ଥାପନ କରାଯାଇଛି | ଏ ନେଇ ବିଧାନସଭାରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ସମୟରେ ସର୍ବାଧିକ ୪୧୬ଟି ଷ୍ଟାର୍ଟଅପ୍ ଖୋର୍ଦ୍ଧାରେ ଗଠନ କରାଯାଇଥିଲା। ଏହା ବ୍ୟତୀତ କଟକରେ ୬୪, ଗଞ୍ଜାମରେ ୨୯, ସୁନ୍ଦରଗଡ଼ରେ ୨୩, ପୁରୀରେ ୧୫, ବାଲେଶ୍ୱରରେ ୧୪, ଅନୁଗୁଳରେ ୧୧ ଓ କେନ୍ଦୁଝରରେ ୧୦ଟି ଷ୍ଟାର୍ଟଅପ୍ ସ୍ଥାପନ କରାଯାଇଥିଲା। ଷ୍ଟାର୍ଟଅପ୍ ଗଠନରେ ରାଜ୍ୟର ଅନ୍ୟ ଜିଲ୍ଲାଗୁଡ଼ିକ ବହୁ ପଛରେ ରହିଛନ୍ତି। ଦୁଇବର୍ଷରେ ଏହି ଜିଲ୍ଲାଗୁଡ଼ିକରେ ମାତ୍ର ହାତଗଣତି କିଛି ଷ୍ଟାର୍ଟଅପ୍ ଗଠନ ହୋଇଥିଲା। କୌଣସି ଜିଲ୍ଲାରେ ନୂଆ ଷ୍ଟାର୍ଟଅପ୍ ସଂଖ୍ୟା ଦୁଇ ଅଙ୍କ ଛୁଇଁନଥିଲା। ବୌଦ୍ଧ, କନ୍ଧମାଳ ଓ ମାଲକାନଗିରିରେ ମାତ୍ର ଗୋଟିଏ ଲେଖାଏଁ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଛି। ସୋନପୁରରେ ୨ଟି, ନୟାଗଡ଼, ମୟୂରଭଞ୍ଜ, ଝାରସୁଗୁଡ଼ା ଓ ଗଜପତିରେ ତିନିଟି ଲେଖାଏଁ ଏବଂ ନବରଙ୍ଗପୁର ଓ କଳାହାଣ୍ଡିରେ ଚାରିଟି ଲେଖାଏଁ ଷ୍ଟାର୍ଟଅପ୍ ସୃଷ୍ଟି ହୋଇଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଜଣାଇଛନ୍ତି ଯେ ଷ୍ଟାର୍ଟଅପ୍ କ୍ଷେତ୍ରରେ ଓଡ଼ିଶା ଦେଶରେ 'ଆସ୍ପାୟରିଂ ଲିଡର' ବର୍ଗରେ ରହିଛି। ଯୁବକଯୁବତୀମାନଙ୍କୁ ଉଦ୍ୟୋଗୀ ହେବା ନିମନ୍ତେ ପ୍ରୋତ୍ସାହନ ଦେବା ପାଇଁ ସରକାର ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଷ୍ଟାର୍ଟଅପ୍‌ଗୁଡ଼ିକୁ ମାସିକ ଅନୁଦାନ, ଉତ୍ପାଦ ବିକାଶ ଓ ମାର୍କେଟିଂ ସହାୟତା ଅନୁଦାନ, କଞ୍ଚାମାଲ ଓ ଉପକରଣ ପାଇଁ ସହାୟତା ଏବଂ ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ରାଜ୍ୟ ଷ୍ଟାର୍ଟଅପ୍ ନୀତିରେ ନୂଆ ଉଦ୍ୟୋଗୀଙ୍କୁ ଇନ୍‌କୁବେସନ ସୁବିଧା, ପରାମର୍ଶ ଓ ସଂଯୋଗୀକରଣ ସହାୟତା ପ୍ରଦାନ କରାଯାଉଥିବା ମନ୍ତ୍ରୀ କହିଛନ୍ତି।



# ସାର ଓ ଖାଦ୍ୟଶସ୍ୟ ଲୋଡିଂ ବୃଦ୍ଧି ସହ ପୂର୍ବତଟ ରେଳପଥ କୃଷି ଯୋଗାଣ ଶୃଙ୍ଖଳାକୁ କରୁଛି ମଜଭୁତ

ପୂର୍ବତଟ ରେଳପଥ ଏପ୍ରିଲ-ଜାନୁଆରୀ ୨୦୨୫-୨୬ରେ ମାଲ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛି | ୨୦୨୪-୨୫ ର ସମାନ ଅବଧିରେ ୧୮୧.୨୪ ମିଲିଅନ ଟନ ତୁଳନାରେ ୧୯୯.୫୦ ମିଲିୟନ ଟନ ପ୍ରମୁଖ ସାମଗ୍ରୀ ପରିଚାଳନା କରିଛି। ଏହି ନିରନ୍ତର ବୃଦ୍ଧି ଜୋନର ଦୃଢ଼ କାର୍ଯ୍ୟକ୍ଷମତା ଏବଂ ଅର୍ଥନୀତିର ପ୍ରମୁଖ କ୍ଷେତ୍ରଗୁଡ଼ିକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରତିଫଳିତ କରୁଛି। କୋଇଲା ଏବଂ ଲୁହାପଥର ମାଲ ପରିବହନର ମୁଖ୍ୟ ଆଧାର ରହିଥିବାବେଳେ, ସାର ଏବଂ ଖାଦ୍ୟ ଶସ୍ୟ ଲୋଡିଂରେ ଉଲ୍ଲେଖନୀୟ ବୃଦ୍ଧି କୃଷି ଯୋଗାଣ ଶୃଙ୍ଖଳକୁ ମଜଭୁତ କରିବା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ବର୍ଦ୍ଧିତ ଅବଦାନକୁ ଉଲ୍ଲେଖ କରୁଛି । ୨୦୨୫-୨୬ ଏପ୍ରିଲ-ଜାନୁଆରୀ ମଧ୍ୟରେ ସାର ଲୋଡିଂ ଗତ ବର୍ଷ ସମାନ ଅବଧିରେ ୫.୮୨ ମିଲିଅନ ଟନ ତୁଳନାରେ ୮.୨୨ ମିଲିଅନ ଟନକୁ ବୃଦ୍ଧି ପାଇଛି। ଏହି ଅଭିବୃଦ୍ଧି ମୁଖ୍ୟତଃ ପାରାଦୀପ ଏବଂ ଧାମରା ବନ୍ଦରରେ ଉନ୍ନତ ପରିଚାଳନା ଦ୍ୱାରା ପରିଚାଳିତ ହୋଇଥିଲା। ଖାଦ୍ୟ ଶସ୍ୟ ଲୋଡିଂରେ ମଧ୍ୟ ଉତ୍ସାହଜନକ ଅଭିବୃଦ୍ଧି ଦେଖାଇଛି। ୨୦୨୪ -୨୫ ଏପ୍ରିଲ-ଜାନୁଆରୀରେ ଏହା ୨.୩୭ ମିଲିଅନ ଟନ ରୁ ବୃଦ୍ଧି ପାଇ ଚଳିତ ଆର୍ଥିକ ବର୍ଷରେ ୨.୭୩ ମିଲିଅନ ଟନକୁ ବୃଦ୍ଧି ପାଇଛି। କେବଳ ଓଡ଼ିଶା ୧.୮୨ ମିଲିଅନ ଟନ ଯୋଗଦାନ କରିଥିବାବେଳେ ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ ମଧ୍ୟ ଶସ୍ୟ ପରିବହନରେ ଉନ୍ନତି ପଞ୍ଜୀକୃତ କରିଥିଲେ। ସମୟୋଚିତ ରେକ୍ ପ୍ଲେସମେଣ୍ଟ, ଦ୍ରୁତ ୱାଗନ୍ ଟର୍ଣ୍ଣଆଉଣ୍ଡ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ପ୍ରାଥମିକତା ପରିଚାଳନା ଏହି ପ୍ରଦର୍ଶନରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଛି। ସେହିପରି ୨୦୨୫-୨୬ ଏପ୍ରିଲ-ଜାନୁଆରୀ ମଧ୍ୟରେ ସିମେଣ୍ଟ ଲୋଡିଂ ୦.୮୯ ମିଲିଅନ ଟନ ବୃଦ୍ଧି ପାଇଛି, ଯାହା ଗତବର୍ଷ ସମାନ ଅବଧିରେ ୦.୭୯ ମିଲିଅନ ଟନ ଥିଲା। ପେଟ୍ରୋଲିୟମ୍, ତୈଳ ଏବଂ ଲୁବ୍ରିକେଣ୍ଟ୍ ଲୋଡିଂ ଚଳିତ ଅବଧିରେ ୨.୭୦ ମିଲିଅନ ଟନ ରେ ପହଞ୍ଚିଛି, ଯାହା ଗତ ବର୍ଷ ୨.୪୭ ମିଲିଅନ ଟନ ଥିଲା। ବନ୍ଦର ଏବଂ ଟର୍ମିନାଲ ଗୁଡିକରେ ଦକ୍ଷ ପରିଚାଳନା ଇନ୍ଧନ ଉତ୍ପାଦଗୁଡ଼ିକର ସୁଗମ ଏବଂ ନିରବଚ୍ଛିନ୍ନ ଗତିବିଧିକୁ ସୁନିଶ୍ଚିତ କରିଛି, ପରିବହନ, କୃଷି ଏବଂ ଶିଳ୍ପ କାର୍ଯ୍ୟକଳାପକୁ ମଜଭୁତ ସମର୍ଥନ ଯୋଗାଇଛି। ଆହୁରି ମଧ୍ୟ ତାଳଚେର, ପାରାଦୀପ ଏବଂ ଧାମରା ବନ୍ଦର ଗୁଡିକର ପ୍ରମୁଖ ଅବଦାନ ସହିତ କୋଇଲା ଲୋଡିଂ ଗତବର୍ଷ ୧୨୬.୬୪ ମିଲିଅନ ଟନରୁ ୧୩୧.୪୪ ମିଲିଅନ ଟନରେ ପହଞ୍ଚିଛି। ଲୁହାପଥର ଲୋଡିଂ ମଧ୍ୟ ୨୬.୦୬ ମିଲିଅନ ଟନରୁ ୩୧.୨୨ ମିଲିଅନ ଟନରେ ଉଲ୍ଲେଖନୀୟ ଭାବରେ ବୃଦ୍ଧି ପାଇଛି, ଯାହା ଖଣି ଏବଂ ଇସ୍ପାତ ଶିଳ୍ପକୁ ପୂର୍ବତଟ ରେଳପଥର ନିରନ୍ତର ସମର୍ଥନକୁ ପ୍ରଦର୍ଶନ କରୁଛି।

# ପାରାଦୀପ ହେବ ପରବର୍ତ୍ତୀ ସ୍ପୋର୍ଟସ୍ ହବ୍

ରାଜ୍ୟରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଓ ତୃଣମୂଳସ୍ତରରୁ ପ୍ରତିଭାଙ୍କୁ ଆଗକୁ ଆଣିବା ପାଇଁ ରାଜ୍ୟ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି କ୍ରମରେ ପାରାଦୀପକୁ ପ୍ରମୁଖ କ୍ରୀଡା ହବ୍ ଭାବେ ଗଢି ତୋଳିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ବାଇଁଙ୍କ ପ୍ରସ୍ତାବ ପରେ କୁଜଙ୍ଗ ବ୍ଲକ ଉଦୟବଟରେ ଗ୍ୟାଲେରୀ ସହିତ ଏକ ବହୁମୁଖୀ ଇନଡୋର ଷ୍ଟାଡିୟମ ଏବଂ ୨୫ ମିଟର ବିଶିଷ୍ଟ ସୁଇମିଂ ପୁଲ୍ ନିର୍ମାଣ ପ୍ରସ୍ତାବକୁ ନୀତିଗତ ଭାବେ ଅନୁମୋଦନ କରିଛନ୍ତି କ୍ରୀଡ଼ା ଓ ଯୁବସେବା ବିଭାଗ। ପ୍ରକଳ୍ପ ପାଇଁ ଅତିକମରେ ୫ ଏକର ପରିମିତ ଏକ ଜବରଦଖଲମୁକ୍ତ ସରକାରୀ ଜମି ଚିହ୍ନଟ କରି ବିଭାଗକୁ ଜଣାଇବାକୁ ଅନୁରୋଧ କରାଯାଇଛି। ଗତମାସରେ କୁଜଙ୍ଗ ଏବଂ ତିର୍ତ୍ତୋଲରେ ବ୍ଲକସ୍ତରୀୟ ଷ୍ଟାଡିୟମକୁ ପ୍ରଶାସନିକ ଅନୁମୋଦନ ମିଳିବା ପରେ ମନ୍ତ୍ରୀ ଶ୍ରୀ ସ୍ବାଇଁ କୃତଜ୍ଞତା ଜଣାଇବା ସହ ଏହାକୁ ଅଧିକ ବ୍ୟାପକ ଓ ବିଶ୍ବସ୍ତରୀୟ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ରଖିଥିଲେ। କୁଜଙ୍ଗ ବ୍ଲକ ଅନ୍ତର୍ଗତ ଉଦୟବଟରେ ଏକ ପୂର୍ଣ୍ଣାଙ୍ଗ ଇନଡୋର ଷ୍ଟାଡିୟମ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିବା ସହ ଏହା ସ୍ଥାନୀୟ କ୍ରୀଡ଼ାବିତଙ୍କ ପ୍ରତିଭା ବିକାଶରେ ସହାୟକ ହେବ ବୋଲି ଉଲ୍ଲେଖ କରିଥିଲେ। ସେଠାରେ ୨୫ ମିଟର ବିଶିଷ୍ଟ ବିଶ୍ବସ୍ତରୀୟ ସୁଇମିଂ ପୁଲ୍ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ। ପାରାଦୀପ ଅଞ୍ଚଳର ଦୀର୍ଘ ଦିନର ଦାବି ପୂରଣ କରିବା ଦିଗରେ ନିରନ୍ତର ଉଦ୍ୟମ କରିଆସୁଛନ୍ତି ଶିଳ୍ପ ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ବାଇଁ। ତାଙ୍କର ଉଦ୍ୟମରେ ପାରାଦୀପ ଅଞ୍ଚଳରେ କ୍ରୀଡା ଭିତ୍ତିଭୂମିର ବ୍ୟାପକ ବିକାଶ ହେବାକୁ ଯାଉଛି। ଯାହା ରାଜ୍ୟ ସରକାରଙ୍କ ସମୃଦ୍ଧ ଓଡିଶା ସ୍ବପ୍ନ ସାକାର କରିବା ଦିଗରେ ବଡ଼ ଭୂମିକା ନେବ।



# ଭୁବନେଶ୍ୱରରେ ଖୋଲିବ ଭିଏଫଏସ୍ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର

ଆସନ୍ତା ଏପ୍ରିଲ ୧ ତାରିଖ ଅର୍ଥାତ୍ 'ଓଡ଼ିଶା ଦିବସ' ଅବସରରେ ଭୁବନେଶ୍ୱରରେ ଏକ 'ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' କାର୍ଯ୍ୟକ୍ଷମ ହେବାକୁ ଯାଉଛି | ଏ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଭିଏଫଏସ ଗ୍ଲୋବାଲ ଗ୍ରୁପର ପ୍ରତିଷ୍ଠାତା ତଥା ସିଇଓ ଜୁବିନ କର୍କାରିଆ ସୂଚନା ଦେଇଛନ୍ତି | ଓଡ଼ିଶାରୁ ବିଦେଶକୁ ଉଚ୍ଚଶିକ୍ଷା ଓ ବ୍ୟବସାୟ ପାଇଁ ଯାଉଥିବା ଯୁବବର୍ଗଙ୍କ ସୁବିଧା ପାଇଁ ଶ୍ରୀ ପ୍ରଧାନ ୨୦୨୫ ସେପ୍ଟେମ୍ବର ୨ରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଏକ ସ୍ଥାନୀୟ କେନ୍ଦ୍ର ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ । ଏଥିସହିତ ସେ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କ ସହ ସାକ୍ଷାତ୍ ଆଲୋଚନା କରିଥିଲେ। ଭିଏଫଏସର ଗ୍ଲୋବାଲ ସିଇଓ ଏହି ପ୍ରସ୍ତାବକୁ ସ୍ୱୀକାର କରି ଭୁବନେଶ୍ୱରରେ ୨୦୨୬ ଏପ୍ରିଲ ୧ରୁ ଭିସା ଆବେଦନ କେନ୍ଦ୍ର ଖୋଲିବା ନେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି। ସେ ଉଲ୍ଲେଖ କରିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ରରୁ ଇଂଲଣ୍ଡ ଏବଂ କେତେକ ବଛାବଛା ଦେଶ ପାଇଁ ଭିସା ଆବେଦନ ଗ୍ରହଣ କରାଯିବ। ପରବର୍ତ୍ତୀ ସମୟରେ ଚାହିଦା ଅନୁଯାୟୀ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହି କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯିବ। ଭିସା କେନ୍ଦ୍ର ସହିତ 'ଭିସା କନସିଅର୍ଜ ସେବା' ମଧ୍ୟ ଉପଲବ୍ଧ ହେବ, ଯାହା ଫର୍ମ ପୂରଣ, ବୀମା ଏବଂ ଅନ୍ୟାନ୍ୟ ପ୍ରକ୍ରିୟାକୁ ସହଜ କରିବ। ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀମାନଙ୍କୁ ଆଉ ଭିସା କାମ ପାଇଁ କୋଲକାତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ। ଏହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ପରିଶ୍ରମ ବଞ୍ଚିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି |

# ଖୋର୍ଦ୍ଧାରେ ନିର୍ମାଣାଧୀନ ରିଜର୍ଭ ବ୍ୟାଙ୍କ ଡାଟା ସେଣ୍ଟର

ଭାରତରେ ଦ୍ରୁତ ଗତିରେ ଡିଜିଟାଲ କାରବାର ବଢ଼ୁଛି। ଆର୍ଥିକ ତଥ୍ୟକୁ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଭିତ୍ତିଭୂମି ଭାବେ ବିଚାର କରାଯାଉଛି। ସାରା ବିଶ୍ବରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁରକ୍ଷିତ ସ୍ଥାନରେ ଡାଟା ସେଣ୍ଟର ନିର୍ମାଣକୁ ଗୁରୁତ୍ୱ ଦେଉଛନ୍ତି। ଗତବର୍ଷ ଭାରତ-ପାକିସ୍ତାନ ଉତ୍ତେଜନା ସମୟରେ ଏକ ଅଗ୍ରଣୀ ବ୍ୟାଙ୍କ ଜୟପୁରରେ ଥିବା ନିଜର ଏକ ଡାଟା ସେଣ୍ଟର୍‌କୁ ରାତାରାତି ମୁମ୍ବାଇ ସ୍ଥାନାନ୍ତର କରିଥିଲା। ସେହି ଦୃଷ୍ଟିରୁ ଓଡ଼ିଶା ଭଳି ଏକ ସୁରକ୍ଷିତ ସ୍ଥାନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ଡାଟା ସେଣ୍ଟର ନିର୍ମାଣ କରୁଛି।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାରେ ଏକ ଅତ୍ୟାଧୁନିକ ଡାଟା ସେଣ୍ଟର ନିର୍ମାଣ କରାଯାଉଛି। ଇନ୍ଫୋଭ୍ୟାଲି-୨ରେ ତିଆରି କରାଯାଉଥିବା ଏହି ଡାଟା ସେଣ୍ଟର୍‌ର ଉଦ୍ଦେଶ୍ୟ ହେଉଛି ଶତ୍ରୁ ଆକ୍ରମଣ ଓ ଭୂକମ୍ପ ଭଳି ଗମ୍ଭୀର ପରିସ୍ଥିତିରୁ ଆର୍ଥିକ ତଥ୍ୟକୁ ସୁରକ୍ଷା ପ୍ରଦାନ କରିବା। ସେଥିପାଇଁ ଏହି କେନ୍ଦ୍ରକୁ ଦେଶର ସୀମାରେଖାଠାରୁ ବହୁ ଦୂରରେ ଓଡ଼ିଶାରେ ସ୍ଥାପନ କରାଯାଇଛି। ଖୋର୍ଦ୍ଧାରେ ନିର୍ମାଣ କରାଯାଉଥିବା ଡାଟା ସେଣ୍ଟର୍‌ରେ ରିଜର୍ଭ ବ୍ୟାଙ୍କର ମୁଦ୍ରା ପରିଚାଳନା, ପେମେଣ୍ଟ୍ ଓ ସେଟଲ୍‌ମେଣ୍ଟ୍ ପରିଚାଳନା ଓ ନିୟାମକ ଡାଟା କାର୍ଯ୍ୟ ହେବ। ୨୦୨୩ରେ ୧୮.୫୫ ଏକର ଜମିରେ ଏହି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେହି ସମୟରେ ଏହାର ସ୍ଥାନ ଚୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। କାରଣ ଲଜିଷ୍ଟିକ୍ସ ଓ ପରିଚାଳନା ଦୃଷ୍ଟିରୁ ତାହା ଏକ ଅନୁପଯୁକ୍ତ ସ୍ଥାନ ବିଚାର କରାଯାଉଥିଲା। ତେବେ କାହିଁକି ଏହି ସ୍ଥାନକୁ ଚୟନ କରାଯାଇଥିଲା, ତାହାର କାରଣ ଏବେ ଜଣାପଡ଼ିଛି। ଏହି ସ୍ଥାନଟି ଶତ୍ରୁ ରାଷ୍ଟ୍ରମାନଙ୍କଠାରୁ ବହୁ ଦୂରରେ ରହିଛି। ଏହି ଅଞ୍ଚଳ ଭୂକମ୍ପପ୍ରବଣ ଅଞ୍ଚଳ ମଧ୍ୟ ନୁହେଁ। ତେଣୁ କୌଣସି ଅଭାବନୀୟ ପରିସ୍ଥିତି ଘଟିଲେ ରିଜର୍ଭ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଡାଟା ଏହି କେନ୍ଦ୍ରରେ ସୁରକ୍ଷିତ ରହିପାରିବ। ଡାଟା ସେଣ୍ଟର୍‌ର ନିର୍ମାଣ ସ୍ଥଳ ଦେଶର ପଶ୍ଚିମ ଓ ଉତ୍ତର ଭାଗ ସୀମାରେଖାଠାରୁ ବହୁତ ଦୂରରେ ରହିଛି। ତେଣୁ ଏହା ଉପରେ ଶତ୍ରୁ ରାଷ୍ଟ୍ରରୁ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ୍ ଆକ୍ରମଣ କରାଯାଇପାରିବ ନାହିଁ। ଏହା ଦେଶର ଭୂକମ୍ପ ପ୍ରଭାବିତ ଅଞ୍ଚଳରେ ମଧ୍ୟ ଆସୁନାହିଁ। ରିଜର୍ଭ ବ୍ୟାଙ୍କର ପ୍ରାଥମିକ ଡାଟା ସେଣ୍ଟର ନଭି ମୁମ୍ବାଇରେ ରହିଛି। ଓଡ଼ିଶାରେ ଦ୍ୱିତୀୟ ଡାଟା ସେଣ୍ଟର ନିର୍ମାଣ କରାଯାଉଛି।

## StorySelling

# ଟ୍ୟାଲେଣ୍ଟ୍, ଟେକ୍ନୋଲୋଜିରେ ମଧ ଓଡ଼ିଆ ଫିଲ୍ମ ଆଗରେ

ବଲିଉଡ୍ ସହ ତାଳଦେଇ ଚାଲିଛି ଓଲିଉଡ୍ ଫିଲ୍ମ ଇଣ୍ଡଷ୍ଟ୍ରି । ଟ୍ୟାଲେଣ୍ଟ୍ ଆଉ ଟେକ୍ନୋଲୋଜିରେ କେବେ ପଛରେ ନାହାନ୍ତି ବୋଲି ପୁଣିଥରେ ପ୍ରମାଣିତ କରିଛନ୍ତି ଓଡ଼ିଆ ଫିଲ୍ମ ମେକର୍ସମାନେ । ସୁଟିଂ ଶେଷ ପର୍ଯ୍ୟାୟରେ ଓଡ଼ିଆ ସିନେମା 'MONSTER -ଦ ଅଲଟିମେଟ୍' । ଫିଲ୍ମ ମେକର୍ ସୁଧାଂଶୁ ମୋହନ ସାହୁଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମରେ ଜବରଦସ୍ତ ଆକ୍ସନ ସିକୁଏନ୍ସ ହେଉଛି- ଫାଇଟ୍ ହେଉ ବା ଗୀତ, ସିକୁଏନ୍ସଗୁଡିକ ସ୍ଲୋ-ମୋସନ୍ ଶଟ୍ ସହିତ ୩୬୦ ଡିଗ୍ରୀ କଭରେଜ୍‌ରେ ଷ୍ଟାଇଲିସ୍ ଭିଜୁଆଲ୍ ଇମ୍ପାକ୍ଟ ଦିଏ । ଫାଇଟ୍ ଡିରେକ୍ଟର ରାଜେଶ କାନନ୍‌ଙ୍କ ଦ୍ୱାରା ସମସ୍ତ ଫାଇଟ୍ ସିନ୍ସଗୁଡିକୁ ସୁଟିଂ କରାଯାଇଛି, ଯାହା ଏହି ଫିଲ୍ମକୁ ଆହୁରି ଉନ୍ନତ କରିଛି । 'MONSTER- ଦ ଅଲଟିମେଟ୍' ଚଳଚ୍ଚିତ୍ରର ମେନ୍ ଲିଡ୍‌ରେ ନଜର ଆସିବେ ନାୟକ




## ଓଡ଼ିଆ ସିନେମାରେ ପ୍ରଥମ ଥର ପାଇଁ ରୋବୋଟିକ୍ କ୍ୟାମେରା ବ୍ୟବହାର

ରହିଛି । ସବୁଠୁ ବଡ କଥା ହେଲା ଏହି ଫିଲ୍ମର ଫାଇଟ୍ ସିକ୍ୱେନ୍ସଗୁଡିକରେ ପ୍ରଥମ ଥର ପାଇଁ ରୋବୋଟିକ୍ କ୍ୟାମେରା ଆର୍ମ ବ୍ୟବହାର କରାଯାଇଛି । ହ୍ୟାଣ୍ଡହେଲ୍ଡ ଏବଂ କ୍ରେନ୍ ଶଟ୍‌ରେ ଯାହା ଅସମ୍ଭବ ତାହା ସମ୍ଭବ ରୋବୋଟିକ୍ କ୍ୟାମେରା ଆର୍ମରେ । ଏହା ସ୍ମୁଥ ଗତିରେ ଘୂରିବା ଓ ଦୃଶ୍ୟାୟନ ଆକ୍ସନ୍‌କୁ ଟ୍ରାକ୍ କରିବା ସହିତ ସମ୍ପୂର୍ଣ୍ଣ ଫୋକସ୍ ଓ ଫ୍ରେମିଂକୁ ସଠିକ ଭାବେ ରଖିଥାଏ । ରୋବୋଟିକ୍ କ୍ୟାମେରାର ଆଉ ଏକ ବିଶେଷତ୍ୱ ଆଦିତ୍ୟ ମହାପାତ୍ର ଓ ନବାଗତା ନାୟିକା ଦିବ୍ୟାଜ୍ୟୋତି । ଅନ୍ୟାନ୍ୟ ଭୂମିକାରେ ମହାଶ୍ୱେତା ରାୟ, କେ.କେ., ଜୟପ୍ରକାଶ, ଅମର ମହାପାତ୍ର ଓ ଚୌଧୁରୀ ବିକାଶ ଦାସଙ୍କ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିବାରେ ସହାୟକ ହେବ । ଖାଲି ସେତିକି ନୁହେଁ ପୂର୍ବ ଫିଲ୍ମ ଅପେକ୍ଷା 'MONSTER- ଦ ଅଲଟିମେଟ୍' ଓଲିଉଡ୍‌ରେ ଏକ ନୂଆ ଟ୍ରେଣ୍ଡ ଆରମ୍ଭ କରିବା ସହ ସିନେମାର ଆକ୍ସନ୍ ଦୃଶ୍ୟଗୁଡିକ ଷ୍ଟାଇଲିସ୍ ଲାଗିବ ବୋଲି ସିନେପ୍ରେମୀଙ୍କ ଚର୍ଚ୍ଚା ଜୋର ଧରିଛି ।

# ପ୍ରେମର ଦୁଇଟି ବ୍ୟାଖ୍ୟା: ହଲ୍‌ରେ ରକ୍ତ ଗୋଲାପ, ବରବଧୂ

ପ୍ରେମର ପ୍ରତୀକାତ୍ମକ ଗୋଲାପ ଫୁଲକୁ ଦେଖିଲେ ଯେ କେହି ଭାବୁକ ଆଉ ରୋମାଂଚିତ ହେବା ସ୍ୱାଭାବିକ । ଜଣେ ନବ ବିବାହିତା ମହିଳାଙ୍କ ପ୍ରେମ, ପ୍ରତାରଣା ଆଉ ଯନ୍ତ୍ରଣାକୁ କେନ୍ଦ୍ର କରି ଓଡ଼ିଆ ସିନେମା "ରକ୍ତ ଗୋଲାପ" ଫେବୃୟାରୀ ୧୩ରେ ରିଲିଜ୍ ହୋଇଯାଇଛି । ଶିଶିର- ପିନାକୀଙ୍କ ନିର୍ଦ୍ଦେଶନା, ଯୁଧିଷ୍ଠିର ବେହେରାଙ୍କ କ୍ୟାମେରା ଚାଳନା "ରକ୍ତ ଗୋଲାପ" ସିନେମାକୁ ଏକ ସମ୍ପୂର୍ଣ୍ଣ ଅଭିନୟ-ଭିତ୍ତିକ ଫିଲ୍ମ ଭାବେ ପ୍ରତିଷ୍ଠିତ କରିପାରିଛି । ଚଳଚ୍ଚିତ୍ରରେ ସୂର୍ଯ୍ୟମୟୀଙ୍କ "ପାତଲ ଘଣ୍ଟା" ଆଇଟମ୍ ଗୀତ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ଦେଇଛି ବୋଲି ଚର୍ଚ୍ଚା ହେଉଛି । ଏହି ସିନେମାର ମୁଖ୍ୟ ଆକର୍ଷଣ ହେଉଛନ୍ତି ଅଭିନେତ୍ରୀ ଏଲିନା ସାମନ୍ତରାୟ । ଏହା ତାଙ୍କ କ୍ୟାରିୟରର ମାଇଲଷ୍ଟୋନ୍ ପ୍ରୋଜେକ୍ଟ ବୋଲି ନିଜେ ଏଲିନା ଅନେକ ସ୍ଥାନରେ ବଖାଣିଛନ୍ତି। ଅଭିଷେକ ଗିରିଙ୍କ ସହ ତାଙ୍କର ଅନ-ସ୍କ୍ରିନ୍ କେମେଷ୍ଟ୍ରି ଚଳଚ୍ଚିତ୍ରରେ ରୋମାଞ୍ଚ ଭରିଦେଇଛି । ସୋସିଆଲ୍ ମିଡ଼ିଆରେ ଫିଲ୍ମକୁ ନେଇ ଯେତିକି ଚର୍ଚ୍ଚା, ପ୍ରଚାର ପ୍ରସାର ଦିଗରେ ସେତିକି ବିଚାର ବିମର୍ଷ ହେବା ଜରୁରୀ ।




ଓଡ଼ିଶାର ସମସ୍ୟା ଓ ଜନଜୀବନକୁ ନେଇ ଆଗରୁ ଅନେକ ଫିଲ୍ମ ତିଆରି ହୋଇ ହିଟ୍ ସାବ୍ୟସ୍ତ ହୋଇଛି । ତାକୁ ଆଖି ଆଗରେ ରଖି ପୁଣି ଏକ ଓଡ଼ିଆ ଚଳଚ୍ଚିତ୍ର 'ବର ବଧୂ'ର କାହାଣୀ ନିର୍ମାଣ କରାଯାଇଛି । ସାରା ରାଜ୍ୟରେ ଭାଲେଣ୍ଟାଇନ୍ ଉଇକ୍ ଅବସରରେ ଫେବୃୟାରୀ ୧୩ରେ ରିଲିଜ୍ ହେଇଯାଇଛି । ମନକୁ ଛୁଇଁଲାଭଳି ଗୀତ ଆଉ ନୂଆ ପୁରୁଣା ଯୁବ କଳାକାରଙ୍କ ଭିଡ ଏ ଫିଲ୍ମରେ ଦେଖିବାକୁ ମିଳୁଛି । ନିର୍ଦ୍ଦେଶକ ବିଶ୍ୱରଂଜନ ଓଡ଼ିଆ ସିନେମା ପାଇଁ ନୂଆ ହେଲେ ବି ଦର୍ଶକଙ୍କ ରୁଚିକୁ ବୁଝି ନିର୍ମାଣ କରିଛନ୍ତି ବୋଲି ମତ ପ୍ରକାଶ ପାଇଛି । ଫେବୃୟାରୀ ୧୩ ରେ ରିଲିଜ୍ ପରେ ଲୋକମାନଙ୍କ ମୁହଁରେ ବର ବଧୂର ଯେତିକି ପ୍ରଶଂସା, ପର୍ଯ୍ୟାପ୍ତ ସିନେମା ହଲ ନ ହାତେଇବା ନେଇ ପ୍ରଯୋଜନା ସଂସ୍ଥାର ସେତିକି ଦୁଃଖ ରହିଛି ବୋଲି ଖବର ମିଳୁଛି ।




## Strategies in Stories

# From 'hell' to heaven: Inspiring turnaround story of Tesla and Space X

**B**ollywood star Sanjay Dutt buying a Tesla Cybertruck made headlines. However, Tesla is a much bigger star as far as turnaround is concerned. In 2018, Tesla was in a dire state while trying to ramp up production of the Model 3, which Musk described as "production hell". While losing vast amounts of money, the company was only weeks away from bankruptcy. Musk practically lived on the Tesla factory floor, working 120-hour weeks. Through extreme cost-cutting, workforce reductions, Tesla successfully scaled production, becoming most valuable carmaker in the world by summer 2020. Tesla went from production-hell to becoming the heaven for car owners. This historic turnaround was achieved not by chance. Rather, Elon Musk was confident enough of it after taking near-bankrupt Space X into the space with flying colours.



SpaceX's early days were marked by failures that nearly ended the company. With three failures of Falcon 1 that burned millions of dollars, he had enough money only for one final launch. Instead of quitting, equipped with vertical landing technology and reusing of rocket boosters, the fourth attempt in 2008, was successful. Following the success, NASA awarded SpaceX a $1.6 billion contract to resupply the International Space Station, turning a failing startup into a industry leader.

## India in Info-Graphics




Printed & Published by Sibasis Satapathy on behalf of COTOC Improvement Limited. Published at Plot 47, Sector 5, Niladri Vihar, Chandrashekharpur, Bhubaneswar 751021
Phone: +91 8456869769, 06744068848, Mail: biznessbreaking@cotoc.in, biznessbreaking@gmail.com
Printed at Print Tech Offset Pvt. Ltd., F-66, 1 & 2, Technology Corridor, Chandaka Industrial Estate, Sailashree Vihar, Chandrasekharpur, Bhubaneswar, Odisha 751021
Editor: Sibasis Satapathy
ସମ୍ପାଦକ: ଶିବାଶିଷ ଶତପଥି